READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୨ ସଂଖ୍ୟା-୪୧ ୨୨ - ୨୮ ଅକ୍ଟୋବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-41 22nd - 28th OCTOBER, 2018 BHUBANESWAR ₹ 5/- (8 Pages)

### ବାରିପଦାରେ ଶକ୍ତି ପ୍ରଦର୍ଶନ କଲେ ଦାମ

# 'ନିଜ ବିଧାୟକଙ୍କୁ ଚିହ୍ନନ୍ତିନି ନବୀନ'



**ବାରିପଦା / ଭୁବନେଶ୍ୱର :** ବାରିପଦାର ଛଉ ପଡିଆଠାରେ ମୟୂରଭଞ୍ଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧି ଜନ ସମାବେଶରେ ଉଦ୍‌ବୋଧନ ଦେଇ ନବୀନ ସରକାରଙ୍କ ବିରୋଧରେ ଗର୍ଜିଲେ ବିଜେଡିରୁ ବହିଷ୍କୃତ ମନ୍ତ୍ରୀ ତଥା ବିଧାୟକ ଡା. ଦାମୋଦର ରାଉତ। ଏକଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚାରା ଘୋଟଲା ବିରୋଧରେ ପଦକ୍ଷେପ ନେବାରୁ ମନ୍ତ୍ରୀ ପଦ ଓ ଦଳରୁ ତାଙ୍କୁ ବହିଷ୍କୃତ କରାଗଲା କହିଥିଲେ ଡା. ରାଉତ। ଏଥିସହ କହିଲେ ଯେ, କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାରେ ଆଦିବାସୀମାନଙ୍କ ଜୀବନ ଜୀବିକା ପାଇଁ ଆସୁଥିବା ଅର୍ଥକୁ ହରିଲୁଟ୍ କରୁଛି ବିଜେଡି ସରକାର। ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ଦାମ କହିଥିଲେ ଯେ, ବିଜୁ ବାବୁଙ୍କ ଛାଲ ପିନ୍ଧି ଓଡ଼ିଶାକୁ ଡରାଉଛନ୍ତି ନବୀନ। ଆହୁରି ମଧ୍ୟ ନବୀନ କିଭଳି ଓଡ଼ିଶା ରାଜ୍ୟ, ଓଡ଼ିଆ ଜାତି, ଭାଷା ଓ ମାଟି ପ୍ରତି ପ୍ରବଞ୍ଚନା କରିଚାଲିଛନ୍ତି ସେ କଥା ନିଜ ଭାଷଣରେ କହିଥିଲେ। କେନ୍ଦ୍ର ସରକାରଙ୍କ ଉଦ୍ୟାନକୃଷି ମିଶନ କାର୍ଯ୍ୟକ୍ରମ ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ୫୯ କୋଟି ଟଙ୍କାର ସାର, ଜିଆଖତ ଓ ଔଷଧ କାଗଜ କଲମରେ କିଣା ଯାଇଛି। ଏହି ୫୯ କୋଟି ଟଙ୍କାର ସାର, ଜିଆଖତ ଓ ଔଷଧ ଦେବା ନିମନ୍ତେ ଯେତିକି ଗଛ ଲାଗିବା କଥା ତାହା ଲଗାଯାଇ ନଥିଲା। ଏକଥା ଜାଣିବା ପରେ ଏହାର ତଦନ୍ତ ପାଇଁ ୪ ଜଣ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କଠାରୁ ଜଣାପଡ଼ିଲା ଯେ ୩ ଜଣ କିରାଣୀଙ୍କ ନିକଟରେ ୩ କୋଟି ୧୯ ଲକ୍ଷ ଟଙ୍କା ନଗଦ ରହିଛି। ଜଣେ ମହିଳା ଅଫିସରଙ୍କ ନାମରେ ୧୨ ଲକ୍ଷ ଟଙ୍କାର ସମ୍ପତ୍ତି କିଣାଯାଇଛି। ସେହି ସମୟରେ ପାଟିଲ ନାମକ ଅଣଓଡ଼ିଆ ଜିଲ୍ଲାପାଳ ଏହି ଦୁର୍ନୀତିରେ ➤ ପୃ-୬

### ତିତ୍‌ଲି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# ମଧ୍ୟବର୍ତ୍ତୀ ସହାୟତା ଏକ ହଜାର କୋଟି ଦିଅ



## ଗୃହପାଳିତ ପଶୁ ଓ ଘର ଭଙ୍ଗା ପାଇଁ ସାହାଯ୍ୟ ଘୋଷଣା

**ଭୁବନେଶ୍ୱର :** 'ତିତ୍‌ଲି' ବାତ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଗଜପତି ଜିଲ୍ଲା। ଏହା ବ୍ୟତୀତ ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାରେ ମଧ୍ୟ କ୍ଷୟକ୍ଷତି ଘଟିଛି। ସାରା ରାଜ୍ୟରେ ଏଯାଏଁ ୬୧ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଗତ ୧୮ ତାରିଖରେ ଲେଖିଥିବା ଏକ ଚିଠିରେ ଓଡ଼ିଶାକୁ ଜାତୀୟ ବିପତ୍ତି ପାଣ୍ଠିରୁ ଏକ ହଜାର କୋଟି ଟଙ୍କା ମଧ୍ୟବର୍ତ୍ତିକାଳୀନ ସହାୟତା ମାଗିଛନ୍ତି। ଏହି ଚିଠିରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ପ୍ରାଥମିକ ଆକଳନରୁ ୨୭୭୦ କୋଟି ୨୮ ଲକ୍ଷ ଟଙ୍କାର ଧନସମ୍ପତ୍ତି ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ରାଜ୍ୟକୁ ଏଥିଲାଗି ୨୦୧୪ କୋଟି ୯ ଲକ୍ଷ ଟଙ୍କା ସହାୟତା ତୁରନ୍ତ ପ୍ରଦାନ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ ଲେଖିଛନ୍ତି, ଏହାଦ୍ୱାରା ୫୭ ହଜାର ୧୩୧ଟି ଘର ଭାଙ୍ଗିଯାଇଛି। ତେଣୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଅବାସ ଯୋଜନାରେ ୫୭ ହଜାର ୧୩୧ଟି ଘର ନିର୍ମାଣ ପାଇଁ ସହାୟତା ପ୍ରଦାନ କରନ୍ତୁ। ବାତ୍ୟାର ଭୟାବହତା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଛନ୍ତି, ଏହି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସ୍ଥିତି ଯୋଗୁ ରାଜ୍ୟର ୧୭ଟି ଜିଲ୍ଲା ପ୍ରଭାବିତ ହୋଇଛି। ବାତ୍ୟା ଯୋଗୁଁ ୬୦ ଲକ୍ଷ ୧୧ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ସରକାର ପୂର୍ବରୁ ମୁକାବିଲା ପାଇଁ ପ୍ରସ୍ତୁତ ଥିଲେ। ଆଇଏମ୍‌ଡିର ସୂଚନା ଅନୁସାରେ ଏହି ପ୍ରସ୍ତୁତି ହୋଇଥିଲା। ହେଲେ ଆଇଏମ୍‌ଡି ମାତ୍ର କିଛି ଘଣ୍ଟା ପୂର୍ବରୁ ହିଁ ➤ ପୃ-୬

### ରାଜ୍ୟ କଂଗ୍ରେସରେ କଳି ସରୁନି

# ଟିକେଟ ପାଇଁ ଦିଲ୍ଲୀରେ ଡେରା




**ଭୁବନେଶ୍ୱର :** ଦୀର୍ଘବର୍ଷ ହେବ ରାଜ୍ୟ କଂଗ୍ରେସ ଭିତରେ ଲାଗି ରହିଥିବା ଗୋଷ୍ଠୀକନ୍ଦଳ କମିବାର ନାଁ ଧରୁନି। ଦଳରେ ନେତାମାନେ ପୂର୍ବଭଳି ନିଜର ଅସନ୍ତୋଷ ଜାହିର କରିବା ସହିତ ଏହି ଗୋଷ୍ଠୀ ବିବାଦକୁ ପରୋକ୍ଷରେ ବଢ଼ାଉଥିବା ଜଣାପଡିଛି। ଯାହା ଜଣାପଡୁଥିଲା ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ହେବା ପରେ ଏଥିରେ କିଛି ପରିବର୍ତ୍ତନ ଘଟିବ। ସେହି ଅନୁସାରେ ଶ୍ରୀ ପଟ୍ଟନାୟକ ଅଗଷ୍ଟ ମାସ ସୁଦ୍ଧା ତାଙ୍କ ଦଳ ଅନ୍ୟୁନ ୫୦ଟି ଆସନ ପାଇଁ ପ୍ରାର୍ଥୀ ଦେବ ବୋଲି ସେତେବେଳେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଇତିମଧ୍ୟରେ ଅକ୍ଟୋବର ମାସ ଶେଷ ହେବାକୁ ବସିଥିବା ବେଳେ ସଭାପତି କହିଥିବା କଥାରେ କିଛି ବି ସତ୍ୟାସତ୍ୟ ନ ଥିବା ନେଇ ରାଜନୈତିକ ବିଶେଷଜ୍ଞମାନେ ମତ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଚଳିତଥର କଂଗ୍ରେସ ଟିକେଟରୁ ଲଢ଼ିବାକୁ ଇଚ୍ଛା ରଖିଥିବା ଅଶାୟୀ ନେତାମାନେ ଖାସ୍ କରି ଯୁବନେତାମାନେ ଦୁର୍ଗା ପୂଜା ବୁଲିଯିବା ଆଳରେ ଦିଲ୍ଲୀରେ ଡ଼େରା ପକାଇଥିବା ଜଣାପଡ଼ିଛି। ସେମାନେ ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଦଳର ମୁଖ୍ୟ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନିଜର ଟିକେଟ୍ କଥା ଉପସ୍ଥାପନ କରିବେ ବୋଲି ସୂଚନା ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଦଳ ପକ୍ଷରୁ ଯେଉଁ ୫୦ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ସ୍ଥିର ହେବା କଥା ତାହା ସ୍ପଷ୍ଟ ହୋଇନାହିଁ।

### ତେଲନଦୀ ଉପରେ ସେତୁ ନିର୍ମାଣ ସରୁନି

# ଅସନ୍ତୋଷ ଦାନା ବାନ୍ଧୁଛି



**କନ୍ଧମାଳ :** କନ୍ଧମାଳ (ବୌଦ୍ଧ)- ତରଭା (ସୁବର୍ଣ୍ଣପୁର) ରାସ୍ତା ଉପରେ ନିର୍ମାଣାଧୀନ ତେଲନଦୀ ସେତୁ ଉଭୟ ଅଞ୍ଚଳବାସୀଙ୍କ ପାଇଁ ଦୀର୍ଘ ୫୦ ବର୍ଷର ସ୍ୱପ୍ନ ଓ ଜୀବନରେଖା ସଦୃଶ୍ୟ। ଦୁଇ ଜିଲାବାସୀଙ୍କ ମଧ୍ୟରେ ରହିଥିବା ଅତୁଟ ସଂପର୍କକୁ ସୁଦୃଢ଼ କରିବା ସହ ସାମାଜିକ, ବ୍ୟାବସାୟିକ ଦ୍ୱାର ଉନ୍ମୁକ୍ତ କରିବା ନିମନ୍ତେ ତେଲନଦୀ ଉପରେ ସେତୁ ନିର୍ମାଣ ପ୍ରସ୍ତାବର ମୋହର ଲାଗିଥିଲା। ୨୦୧୨ ଅକ୍ଟୋବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ସେତୁର ଭିତ୍ତି ପ୍ରସ୍ତର ଦିଆଯାଇ ଥିଲା। ବିଳମ୍ବରେ ହେଲେ ସୁଦ୍ଧା ଏହି ସ୍ୱପ୍ନର ସେତୁ ବାସ୍ତବ ରୂପ ନେଉଥିବା ଜାଣି ଉଭୟ ବୌଦ୍ଧ ଓ ସୁବର୍ଣ୍ଣପୁରବାସୀଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖା ଦେଇଥିଲା। ମାତ୍ର ଏହି ସେତୁ ନିର୍ମାଣରେ ଅହେତୁକ ବିଳମ୍ବ, ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ସହିତ ରାଜନୈତିକ ଇଚ୍ଛା ଶକ୍ତିର ଘୋର ଅଭାବ ଯୋଗୁଁ ନିର୍ମାଣ ଆରମ୍ଭର ୬ ବର୍ଷ ପରେ ବି ଏହି ସେତୁ ଜନଗଣଙ୍କ ବ୍ୟବହାର ଉପଯୋଗୀ ହୋଇ ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ରାଜ୍ୟ ସରକାର ଆରମ୍ଭ କରିଥିବା ବିଜୁ ସେତୁ ଯୋଜନାରେ ମୋଟ ୨୨.୪ କୋଟି ଟଙ୍କା ➤ ପୃ-୬

# ହୀରାକୁଦରୁ କମୁଛି ବିଦ୍ୟୁତ୍ ଉତ୍ପାଦନ !



**ଭୁବନେଶ୍ୱର :** ହୀରାକୁଦ ପାୱାର୍ ସିଷ୍ଟମ୍‌ର ସମୁଦାୟ ୧୦ଟି ୟୁନିଟ୍ ମଧ୍ୟରୁ ୬ଟି ୟୁନିଟ୍ ଅଚଳ ଥିବାରୁ ବିଦ୍ୟୁତ୍ ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଇଛି। ବୁର୍ଲା ଶକ୍ତିକେନ୍ଦ୍ରର ୭ଟି ୟୁନିଟ୍ ମଧ୍ୟରୁ ୪ଟି ଓ ଚିପିଲିମା ଶକ୍ତିକେନ୍ଦ୍ରର ୩ଟି ୟୁନିଟ୍ ମଧ୍ୟରୁ ୨ଟି ଅଚଳ ହୋଇପଡ଼ିଛି। ପାୱାର୍ ସିଷ୍ଟମ୍‌ର ଉତ୍ପାଦନ କ୍ଷମତା ୩୪୭.୫ ମେଗାୱାଟ୍ ଥିବା ବେଳେ ବର୍ତ୍ତମାନ ମାତ୍ର ୮୩ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ହୀରାକୁଦ ବହୁମୁଖୀ ନଦୀବନ୍ଧ ନିର୍ମାଣ ସମୟରେ କାର୍ଯ୍ୟକାରୀ ହୋଇଥିଲା ହୀରାକୁଦ ପାୱାର୍ ସିଷ୍ଟମ୍। ଏହି ଯୋଜନାରେ ବୁର୍ଲା ଓ ଚିପିଲିମାରେ ନିର୍ମାଣ ହୋଇଥିଲା ୨ଟି ଜଳବିଦ୍ୟୁତ କେନ୍ଦ୍ର। ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ବୁର୍ଲାରେ ୭ଟି ୟୁନିଟ ଏବଂ ଏହି ଶକ୍ତିକେନ୍ଦ୍ରରୁ ନିର୍ଗତ ଜଳକୁ ୨୨ କିମି ଲମ୍ବର ପାୱାର୍ ଚେନାଲରେ ନେଇ ଚିପିଲିମା ଶକ୍ତି କେନ୍ଦ୍ରରେ ୩ଟି ୟୁନିଟ ସ୍ଥାପନ ହୋଇଥିଲା। ୧୯୪୮ରେ ହୀରାକୁଦ ➤ ପୃ-୬

# ଚିନ୍ତା ଘାରିଲା, ଉପାୟ ସ୍ଥିର ହେବ

## ଜେନେଭାରେ ପ୍ରଥମ ବିଶ୍ୱ ପ୍ରଦୂଷଣ ସମ୍ମିଳନୀ

**ନୂଆଦିଲ୍ଲୀ :** ସମଗ୍ର ବିଶ୍ୱରେ ବଢ଼ିଚାଲିଛି ପ୍ରଦୂଷଣ। ଯାହାକି ମାନବ ସଭ୍ୟତା ପାଇଁ ମରଣର ପଥ ପରିଷ୍କାର କରିଚାଲିଛି। ଏନେଇ ଚିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ବା ହୁ। ତୁରନ୍ତ ଏହାର ମୁକାବିଲା କରିବା ପାଇଁ ଜେନେଭାରେ ପ୍ରଥମ ବିଶ୍ୱ ପ୍ରଦୂଷଣ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଯୋଗଦେବାକୁ ବିଶ୍ୱର ସମସ୍ତ ଦେଶର ସ୍ୱାସ୍ଥ୍ୟ ଓ ପରିବେଶ ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ସମ୍ମିଳନୀରେ ଯୋଗଦେବେ ବିଶ୍ୱର ବଡ଼ବଡ଼ ନେତା, ବିଶେଷଜ୍ଞ, ବୈଜ୍ଞାନିକ ଓ ଗବେଷକ। ଏଥିରେ ଯୋଗଦେବାକୁ ଭାରତକୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ସୁଇଜରଲାଣ୍ଡର ଜେନେଭାରେ ଅକ୍ଟୋବର ୩୦-ନଭେମ୍ବର ୧ ତାରିଖ ଯାଏଁ ତିନି ଧରି ଚାଲିବ ଏହି ସମ୍ମିଳନୀ। ଯେଉଁ ଦେଶରେ ପ୍ରଦୂଷଣଜନିତ ମୃତ୍ୟୁ ସଂଖ୍ୟା ଅଧିକ ଓ ଜୀବନ ଅଧିକ ଯନ୍ତ୍ରଣାମୟ ସେହିସବୁ ଦେଶ ପାଇଁ ଏହି ସମ୍ମିଳନୀରେ ଟାର୍ଗେଟ୍ ଧାର୍ଯ୍ୟ ହେବ। ଏସବୁ ଦେଶ ମଧ୍ୟରେ ଭାରତ ଅନ୍ୟତମ। ଭାରତର ରାଜଧାନୀ ନୂଆଦିଲ୍ଲୀ ସମେତ ପ୍ରାୟ ସମଗ୍ର ଉତ୍ତର ଭାରତରେ ବାୟୁର ମାନ ଅତ୍ୟନ୍ତ ନିମ୍ନ ସ୍ତରକୁ ଗତି କରିଛି ଓ ଏସବୁ ସ୍ଥାନରେ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟା ସର୍ବାଧିକ। ବିଶ୍ୱସ୍ତରୀୟ ସର୍ବେକ୍ଷଣ ➤ ପୃ-୬

## ବକ୍ରବାଣୀ



ଆଜି ଶାରୀ ମି ଠୁ ମି ଠୁ ହଉଛି
ସଭିଙ୍କୁ ଛନକା ଭଲ ଦଉଛି
ଯେବେ ବାସୁଥିଲା ରାବ ଶୁଆର
କୋଳେ ବସି କରୁଥିଲେ ପିଆର
ଏଇନେ କହିଲେ କିଏ ଶୁଣିବ
ମଲା କଙ୍କଡାର ଗୋଡ ଗଣିବ
ଲାଜ ନାହିଁ ଟିକେ ତାଙ୍କ ମୁହଁକୁ
କାମ ହାତେଇଲେ ବିକି ଦେହକୁ
ବୁଢ଼ା ହଡାଙ୍କୁ ଫସାଇ ମିଛରେ
ମନ ବଳିଛି ରହିବେ ଚର୍ଚ୍ଚାରେ।

—ଟୁଟୁ

### କେରଳରେ ଦାଦନ ଶ୍ରମିକଙ୍କ ନିଖୋଜ ମାମଲା

# ସାହାଯ୍ୟ ଅପେକ୍ଷାରେ ପରିବାର

## 'ଏକମାତ୍ର'ର ପ୍ରଭାବ

**ଭବାନୀପାଟଣା, (ଅନୀଲ ପଟ୍ଟନାୟକ) :** ଗତ ଜୁଲାଇ ମାସ ୧୭ ତାରିଖରେ ଗୋତି ଖଟିବା ପାଇଁ ଯାଇଥିବା ପୋଖରିଗୁଡା ଗ୍ରାମ ଥାନା ଥୁ. ରାମପୁର ପୋଷ୍ଟ ଗୋପାଳପୁର ଗ୍ରାମର ଡୁଡିଆ ମାଝୀ (ବୟସ ୪୧) ନିଖୋଜ ଥିବା ନେଇ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁସାରେ ଡୁଡିଆ ମାଝୀ, ପ୍ରଦୀପ ନାଏକ, ବରୁଣ ନାଏକ ଓ ମନସର ନାଏକ ଚାରିଜଣ ବ୍ୟକ୍ତି ସାଙ୍ଗ ହୋଇ କେରଳରେ ଥିବା ତ୍ରୀଶୂଳ ନିକଟସ୍ଥ ସାକଟାନ ଥମ୍ପୁର ଘରୋଇ ବସଷ୍ଟାଣ୍ଡ ନିକଟରେ ଥିବା ଆୟୁଷ ହୋଟେଲରେ ୨୦/୦୭/୧୮ରେ କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ୩୦ ତାରିଖ ପର୍ଯ୍ୟନ୍ତ ସେମାନେ କାର୍ଯ୍ୟ କରିବା ପରେ ହୋଟେଲ ମ୍ୟାନେଜରଙ୍କ ଠାରୁ ଡୁଡିଆ ମାଝୀ ୫୦୦ ଟଙ୍କା ନେଇ କପଡା କିଣିବା ପାଇଁ ନିକଟସ୍ଥ ବଜାରକୁ ଯାଇଥିଲେ। ହେଲେ ସେଠାରୁ ସେ ଆଉ ଫେରିନଥିଲେ। ଡୁଡିଆ ଫେରି ନଥିବାରୁ ଅନ୍ୟ ୩ ବନ୍ଧୁ ଦୀର୍ଘ ୧୫ ଦିନ ଧରି ଖୋଜା ଖୋଜି କରିବା ପରେ କୌଣସି ସନ୍ଧାନ ନପାଇବାରୁ ଡୁଡିଆଙ୍କ ପତ୍ନୀ ଦୁଲେଇ ମାଝୀଙ୍କୁ ଏ ସମ୍ପର୍କରେ ଫୋନ୍ ଦ୍ୱାରା ଜଣାଇବା ସହିତ ହୋଟେଲ ମ୍ୟାନେଜରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗାଁରେ ଡୁଡିଆ ନିଖୋଜ ଥିବା ଖବର ପହଞ୍ଚିବା ପରେ ତାଙ୍କ ଘରେ କାନ୍ଦ ବୋବାଳି ପଡିଯାଇଥିଲା। ପରେ ଡୁଡିଆଙ୍କ ପତ୍ନୀ ଅଶିକ୍ଷିତ ହେତୁ ଅଭିଯୋଗ ଲେଖି ନପାରି ଥୁ. ରାମପୁର ଥାନାର ବଡବାବୁ ଶ୍ରୀନିବାସ ସେଠୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନାର ବଡବାବୁ ହଜିଥିବା ବ୍ୟକ୍ତିଙ୍କ ଭୋଟର କାର୍ଡ ଓ ଆଧାରକାର୍ଡର ଜେରକ୍ସ କରି ଆଣିବାକୁ କହିଥିଲେ। ସେହି ଅନୁସାରେ ଡୁଡିଆଙ୍କ ପତ୍ନୀ ଥାନାରେ କାଗଜପତି ଦାଖଲ କରିଥିଲେ। ଥାନାବାବୁ କହିଥିଲେ ଯେ, ଆମେ ଖୋଜାଖୋଜି କରିବୁ। ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ। ଦୂର ସ୍ଥାନ ଭ୍ରମଣର ଯୋଗ ରହିଛି।

**ମିଥୁନ** ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ହାସଲ କରିବେ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ। ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**କର୍କଟ** ଆର୍ଥିକ ପରିସ୍ଥିତି ସୁଧାର ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ଦୁର୍ଘଟଣା ଘଟିପାରେ। ନୂତନ କର୍ମକ୍ଷେତ୍ରରେ ଯୋଗଦେବେ।

**ସିଂହ** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**କନ୍ୟା** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ତୁଳା** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ବିଛା** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ଧନୁ** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ମକର** ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। କୌଣସି ବଡ କମ୍ପାନୀରେ ଆପଣଙ୍କୁ ଚାକିରର ପ୍ରସ୍ତାବ ମିଳିପାରେ।

**କୁମ୍ଭ** ସମାଜ ସେବାରେ ସମୟ ଅତିବାହିତ ହେବ। ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ପରିବାରରେ ଶାନ୍ତି ବଜାୟ ରହିବ। ନୂତନ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ମୀନ** ଭାଇଙ୍କ ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସମୁଦ୍ରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବ ଭାସମାନ ଟ୍ୟୁବ୍

**ସାନ୍‌ଫ୍ରାନ୍‌ସିସ୍‌କୋ :** ପ୍ରଶାନ୍ତ ମହାସାଗରରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପାଇଁ ୨୦୦୦ ଫୁଟ୍ ଲମ୍ବର ଭାସମାନ ପାଇପ୍‌କୁ ନିୟୋଜିତ କରାଯାଇଛି। ଏହି ପାଇପ୍‌ର ସଂକ୍ଷିପ୍ତ ନାମ 'ୱିଲ୍‌ସନ୍' ରଖାଯାଇଛି। ଗତ ମାସରେ ଦି ଓସନ୍ କ୍ଲିନ୍‌ଅପ୍ ଫାଉଣ୍ଡେସନ ପ୍ରଥମ ଥର ପାଇଁ ଏହି ପଦକ୍ଷେପ ଗ୍ରହଣ କରିଥିଲା। ସାନ୍‌ଫ୍ରାନ୍‌ସିସ୍‌କୋ ଓ ହାୱାଇ ମଝିରେ ଏହି ବିଶାଳ ଭାସମାନ ପାଇପ୍ ଖଞ୍ଜି ଦିଆଯିବ। ପ୍ରଶାନ୍ତ ମହାସାଗରରେ ବହୁ ପରିମାଣର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଦେଖିବାକୁ ମିଳିଛି। ମଙ୍ଗଳବାର ଠାରୁ ଏହି ପାଇପ୍ କାର୍ଯ୍ୟ ଆରମ୍ଭ କରିଛି। 'ୟୁ' ଆକାରର ଏହି ପାଇପ୍ ସମୁଦ୍ର ଜଳସ୍ତରରୁ ୩ ମିଟର ଗଭୀରରେ ରହି ପ୍ଲାଷ୍ଟିକ୍ ଦ୍ରବ୍ୟଗୁଡ଼ିକୁ ଶୋଷିନେବ। ପ୍ରତି ମାସରେ ୨ ଥର ପାଇପ୍ ଭିତରୁ ସଂଗୃହିତ ପ୍ଲାଷ୍ଟିକ୍ କାଢ଼ି ନିଆଯିବ। ଏଥିପାଇଁ କେତୋଟି ଜାହାଜକୁ ନିୟୋଜିତ କରାଯିବାର ଯୋଜନା ରହିଛି। ସଂଗୃହିତ ପ୍ଲାଷ୍ଟିକ୍‌ଗୁଡ଼ିକୁ ରିସାଇକ୍ଲିଙ୍ଗ୍ ଜରିଆରେ ନୂତନ ସାମଗ୍ରୀ ତିଆରି କରାଯିବ। ବିଶାଳ ସମୁଦ୍ର ବକ୍ଷରେ ୧୫୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଥିବା ଅନୁମାନ କରାଯାଉଛି। ଏହି ପ୍ଲାଷ୍ଟିକ୍‌ଗୁଡ଼ିକୁ ସଫା ନକଲେ, ଜଳବାୟୁ ଉପରେ ତା'ର କୁପ୍ରଭାବ ପଡ଼ିବ। ସାମୁଦ୍ରିକ ଜୀବଗୁଡ଼ିକ ପାଇଁ ପ୍ଲାଷ୍ଟିକ୍ କ୍ଷତିକାରକ। ମାଛଧରା ଓ ପର୍ଯ୍ୟଟନ ଶିଳ୍ପ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଆମ ଶରୀରକୁ ହାନି ପହଞ୍ଚାଇବାରେ ପ୍ଲାଷ୍ଟିକ୍‌ର ଅବଦାନ ବେଶି। ମହାସାଗରରେ କୁଢ଼ କୁଢ଼ ପ୍ଲାଷ୍ଟିକ୍ ଦ୍ରବ୍ୟଗୁଡ଼ିକ ବର୍ଷ ବର୍ଷ ଧରି ରହିଥିଲେ ମଧ୍ୟ ସେଗୁଡ଼ିକୁ ସଫା କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଭାସମାନ ପାଇପ୍ ଉପରେ ୨ଟି କ୍ୟାମେରା ତୀକ୍ଷ୍ଣ ନଜର ରଖିବ। ପାଇପ୍‌ରେ ବର୍ଜ୍ୟବସ୍ତୁର ପରିମାଣ ଉକ୍ତ କ୍ୟାମେରା ଜରିଆରେ ଜାଣିବା ପରେ ମୁଖ୍ୟାଳୟରୁ ଜାହାଜମାନ ଯାଇ ଭାସମାନ ପାଇପ୍‌ରୁ ପ୍ଲାଷ୍ଟିକ୍ ସଂଗ୍ରହ କରିବ। ନେଦରଲ୍ୟାଣ୍ଡରେ ବସି ଫାଉଣ୍ଡେସନ୍‌ର କର୍ମଚାରୀମାନେ ରିମୋଟ୍ ସାହାଯ୍ୟରେ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ସ୍ୟାଟେଲାଇଟ୍ ପଡ୍‌ରେ ଏକ ଡିଭାଇସ୍ ଖଞ୍ଜି କର୍ତ୍ତୃପକ୍ଷ ଭାସମାନ ପାଇପ୍‌ର ଅବସ୍ଥିତି ଜାଣିପାରିବେ। ଗତ ୫ ବର୍ଷ ଧରି ଓସନ୍ କ୍ଲିନ୍ ଅପ୍ ଟିମ୍ ଭାସମାନ ପାଇପ୍‌କୁ ପରୀକ୍ଷା ନିରୀକ୍ଷା କରିଆସୁଛନ୍ତି। ଏହି ପ୍ରୋଜେକ୍ଟ ପାଇଁ ୨୦୧୩ରେ ୨ ନିୟୁତ ଡଲାର ପରିମାଣର ପାଣ୍ଠି ଗଠନ କରାଯାଇ ଥିଲା। ଏବେ ତାହା ବୃଦ୍ଧି ପାଇ ୩୦ ନିୟୁତ ଡଲାରରେ ପହଞ୍ଚିଛି। ୨୦୧୯ ଏପ୍ରିଲ ସୁଦ୍ଧା ଭାସମାନ ପାଇପ୍ ଜରିଆରେ ୫୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବାର ଯୋଜନା ରହିଛି। ୨୦୪୦ ସୁଦ୍ଧା ବିଶ୍ୱବ୍ୟାପୀ ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଫେଇ କାର୍ଯ୍ୟ ଶେଷହେବା ଯୋଜନା ଅଛି। ତେବେ ପ୍ରୋଜେକ୍ଟର ସଫଳତା ନେଇ କିଛି ପରିବେଶବିତ୍ ଆଶଙ୍କା ପ୍ରକାଶ କରିଛନ୍ତି। କ୍ଷୁଦ୍ରାତିକ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା ସଂଗ୍ରହ କରିବାକୁ ଭାସମାନ ପାଇପ୍ ସକ୍ଷମ ହେବ ନାହିଁ ବୋଲି ଅନୁମାନ କରାଯାଉଛି। ତା' ସହିତ ସ୍ୟାଟେଲାଇଟ୍ ପଡ୍‌ରେ ଖଞ୍ଜା ଯାଇଥିବା ଡିଭାଇସ୍ ଅଚଳ ହୋଇଗଲେ ପ୍ରୋଜେକ୍ଟ କାର୍ଯ୍ୟରେ ବାଧା ଉପୁଜିବାର ସମ୍ଭାବନା ରହିଛି। ସମୁଦ୍ରରେ ଲଘୁଚାପ ବା ଘୂର୍ଣ୍ଣିବଳୟ ସୃଷ୍ଟିହେଲେ ଭାସମାନ ପାଇପ୍ ପ୍ରତି ବିପଦ ଆଶଙ୍କା ରହିଛି। ଏପରିହେଲେ ପ୍ରୋଜେକ୍ଟର ମିଶନ ନିର୍ଦ୍ଧାରିତ ସମୟରେ ସରିବ ନାହିଁ। ସମୁଦ୍ରକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ନିହାତି ଜରୁରୀ ବୋଲି ମନ୍ତବ୍ୟ ଦେଇଛନ୍ତି କାଲିଫର୍ଣ୍ଣିଆ କୋଷ୍ଟାଲ କମିଶନ ପ୍ରୋଗ୍ରାମ ମ୍ୟାନେଜର ଇବେନ୍ ସ୍କ୍ୱାର୍ଜ। ସେ କହିଛନ୍ତି, ସମୁଦ୍ରରୁ ସଂଗୃହୀତ ପ୍ଲାଷ୍ଟିକ୍‌ର ରିସାଇକ୍ଲିଙ୍ଗ୍ ନ ହେଲେ, ପରିବେଶ ପ୍ରତି ସଙ୍କଟ ସୃଷ୍ଟି କରିବ। ଗତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ସେଭ୍ ଆୱାର୍ ସିଜ୍ ଆକ୍ଟ (ଆମ ସମୁଦ୍ର ସୁରକ୍ଷା ଆଇନ)' ସ୍ୱାକ୍ଷରିତ କରିଛନ୍ତି। ଟ୍ରମ୍ପଙ୍କର ଏହି ପଦକ୍ଷେପ ସମୁଦ୍ର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କେବଳ ଭାସମାନ ପାଇପ୍ ଜରିଆରେ ସମୁଦ୍ରରୁ ପ୍ଲାଷ୍ଟିକ୍ ସଫେଇ ସମ୍ଭବ। ଏହା ବ୍ୟତୀତ ଅନ୍ୟ ଚାରା ନାହିଁ ବୋଲି କ୍ଲିନ୍‌ଅପ୍ ଫାଉଣ୍ଡେସନ୍ ମତବ୍ୟକ୍ତ କରିଛି।

# ୟୁରୋପୀୟ ସଂସଦରେ ମହିଳା ଅସୁରକ୍ଷିତ

**ଲଣ୍ଡନ :** ୟୁରୋପୀୟ ସଂସଦରେ ସର୍ବାଧିକ ମହିଳାଙ୍କୁ ଦୁଷ୍କର୍ମ, ଅସଦାଚରଣ, ଶୋଷଣ ଓ ହିଂସାର ଶିକାର ହେବାକୁ ପଡ଼ିଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। 'ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିୟନ' ଓ 'ପାର୍ଲାମେଣ୍ଟାରୀ ଆସେମ୍ବ୍ଲି ଅଫ୍ ଦି କାଉନ୍‌ସିଲ୍ ଅଫ୍ ୟୁରୋପ'ର ସର୍ବେକ୍ଷକମାନେ ୧୨୩ ଜଣ ମହିଳାଙ୍କୁ ଭେଟିଥିଲେ। ୪୫ଟି ୟୁରୋପୀୟ ରାଷ୍ଟ୍ରର ୮୧ ସାଂସଦ ଓ ୪୨ ସଂସଦୀୟ କର୍ମଚାରୀଙ୍କୁ ଭେଟି ସେମାନଙ୍କର ମତାମତ ସଂଗ୍ରହ କରିଥିଲେ। କର୍ମକ୍ଷେତ୍ରରେ ନିୟୋଜିତ ଅଧିକାଂଶ ମହିଳାଙ୍କୁ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଯୌନ ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ ବୋଲି ସର୍ବେକ୍ଷକମାନେ ଜାଣିବାକୁ ପାଇଥିଲେ। ୧୨୩ ମହିଳାଙ୍କ ମଧ୍ୟରୁ କେହି ମାନସିକ ନିର୍ଯାତନାର ଦ୍ୱାହି ଦେଇଥିଲେ ତ କେହି ଶାରୀରିକ ଶୋଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ୪୭ ଭାଗ ମହିଳା କର୍ମକ୍ଷେତ୍ରରେ ମାଡ଼, ଦୁଷ୍କର୍ମ, ହତ୍ୟା ଧମକ ପାଇଥିବା ଜଣାଇଥିଲେ। ୬୮ ଭାଗ ମହିଳା କମେଣ୍ଟର ଶିକାର ହୋଇଥିବା କହିଥିଲେ। ୨୫ ଭାଗ ମହିଳା ଦୁଷ୍କର୍ମର ଶିକାର ହୋଇଥିବା ବଖାଣିଥିଲେ। କର୍ମକ୍ଷେତ୍ରରେ ୮୫ ଭାଗ ମହିଳା ମାନସିକ ନିର୍ଯାତନାର ଶିକାର ହେଉଥିବା ଜଣାଇଥିଲେ। ସର୍ବେକ୍ଷଣରୁ ଜଣାଯାଇଛି, ୟୁରୋପୀୟ ସଂସଦରେ ମହିଳାଙ୍କ ଆତ୍ମସମ୍ମାନ ରକ୍ଷା ପାଇଁ କଠୋର ଆଇନଗତ ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। 'ମି ଟୁ' ଆନ୍ଦୋଳନ ସାରା ବିଶ୍ୱକୁ କବଳିତ କରିଥିଲେ ମଧ୍ୟ ମହିଳାଙ୍କ ସାମାଜିକ ନିରାପତ୍ତା ପ୍ରତି କୌଣସି ରାଷ୍ଟ୍ର ସଚେତନ ନୁହନ୍ତି। ପୃଥିବୀର କୌଣସି ରାଷ୍ଟ୍ରରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ପ୍ରତ୍ୟେକ ରାଷ୍ଟ୍ରରେ ଲିଙ୍ଗଗତ ଭେଦଭାବ ବଳବତ୍ତର ରହିଛି। ରାଜନୀତିରେ ପାଦ ଦେଇଥିବା ପୁରୁଷ ଓ ମହିଳାମାନେ ଦେଶ ଓ ସମାଜର ପରିବର୍ତ୍ତନ ଆଣିବା ପାଇଁ ଭାଷଣବାଜି କରୁଥିଲେ ମଧ୍ୟ କଠୋର ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ କରୁନାହାନ୍ତି। ଆଜିକାଲି ସୋସିଆଲ୍ ମିଡିଆ ଏଭଳି ଏକ ପ୍ଲାଟ୍‌ଫର୍ମ ଯେଉଁଠି ପ୍ରତ୍ୟେକଙ୍କୁ ସ୍ୱାଧୀନ ମତ ପରିବେଷଣ କରିବାକୁ ସୁଯୋଗ ଦିଆଯାଇଛି। ସମାଜରେ କୌଣସି ନା କୌଣସି ଆଳରେ ନିର୍ଯାତନାର ଶିକାର ହେଉଥିବା ନେଇ ୫୮ ଭାଗ ମହିଳା ସୋସିଆଲ ମିଡିଆରେ ମତବ୍ୟକ୍ତ କରିଛନ୍ତି। ସର୍ଭେରୁ ଜଣାଯାଇଛି ୪୦ ବର୍ଷରୁ କମ୍ ବୟସର ସାଂସଦ ଓ ସଂସଦର ମହିଳା କର୍ମଚାରୀ ପୁରୁଷଙ୍କ କଟାକ୍ଷର ଶିକାର ହୋଇଛନ୍ତି। ସଂସଦର ୪୧ ଭାଗ ମହିଳା କର୍ମଚାରୀ ଯୌନ ହିଂସାର ଶିକାର ହୋଇଥିବା କହିଥିବା ବେଳେ ୨୫ ଭାଗ ମହିଳା ସାଂସଦ ମହିଳାଙ୍କ ସୁରକ୍ଷା ଉପରେ ଯୁକ୍ତିକରି ଆକ୍ରମଣର ଶିକାର ହୋଇଥିବା ସ୍ପଷ୍ଟ କରିଛନ୍ତି। ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିୟନ ଅଧକ୍ଷା ଗାବ୍ରିଏଲା କ୍ୟୁଭାସ୍ କହିଛନ୍ତି, ଜଣେ ମହିଳା ସାଂସଦ ହିସାବରେ ମୋତେ ସଂସଦରେ ଏତେ ପରିମାଣରେ ଯୌନ ନିର୍ଯାତନାର ଶିକାର ହେବାକୁ ପଡୁଛି ଯାହା କଳ୍ପନାରୁ ବାହାରେ। ମହିଳାଙ୍କ ଅଧିକାର ଏବେ ବସ୍ତୁତଃ ପୁସ୍ତକରେ ସୀମିତ ରହିଛି। ଏହା ଗଣତନ୍ତ୍ର ପାଇଁ ବିପଦ। ସଂସଦରେ ମହିଳା ସାଂସଦଙ୍କର ସ୍ୱାଧୀନତା ସଙ୍କୁଚିତ ହୋଇ ରହିଯାଇଛି।

# ପରିବର୍ତ୍ତନ ହେବ ଏଟିଏମ୍ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ନିୟମ

**ନୂଆଦିଲ୍ଲୀ :** ଦେଶର ସର୍ବବୃହତ୍ ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କଗୁଡିକର ଏଟିଏମ୍ ଟଙ୍କା ଉଠାଣ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ପ୍ରଚଳିତ କେତେକ ନିୟମରେ ପରିବର୍ତ୍ତନ କରାଯିବ। ଯଦି ଆପଣ ଏସ୍‌ବିଆଇ ଗ୍ରାହକ ହୋଇଥାଆନ୍ତି ତେବେ ଆଗାମୀ ଡିସେମ୍ବର ୧ତାରିଖ ସୁଦ୍ଧା ଆପଣଙ୍କ ମୋବାଇଲ ନମ୍ବର ଆପଣଙ୍କ ବ୍ୟାଙ୍କ ଶାଖା ସହ ସଂଯୁକ୍ତ କରନ୍ତୁ। ନଚେତ୍ ଆପଣ ଏହା ପର ଠାରୁ ଆଉ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ କରିପାରିବେ ନାହିଁ। କାରଣ ରିଜର୍ଭ ବ୍ୟାଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଯେଉଁ ଗ୍ରାହକମାନେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ କରୁଛନ୍ତି ସେମାନଙ୍କ ନିକଟକୁ ତୁରନ୍ତ ଏସ୍‌ଏମଏସ୍ କିମ୍ବା ଇ-ମେଲ ଯୋଗେ ସେମାନଙ୍କ ଆର୍ଥିକ କାରବାରର ବିବରଣୀ ଦିଆଯିବ। ସେହିପରି ଯେଉଁ ଗ୍ରାହକଙ୍କ ମ୍ୟାଗ୍ନେଟିକ୍ ଚିପ୍ ଥିବା ଏଟିଏମ୍ କାର୍ଡ ନଥିବ ସେମାନେ ମଧ ସେମାନଙ୍କ ବ୍ୟାଙ୍କ ଶାଖାରୁ ଏହାକୁ ତୁରନ୍ତ ସଂଗ୍ରହ କରିବେ। ଅନ୍ୟାନ୍ୟ ବଦଳୁଥିବା ନିୟମ ମଧ୍ୟରେ ଏସ୍‌ବିଆଇ, ଏଚଡିଏଫସି, ଆକ୍ସିସ୍, ଆଇସିଆଇସିଆଇ, ବ୍ୟାଙ୍କ ଅଫ୍ ବରୋଦା ଆଦି ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଉଠାଣ ସୀମା ରହିଛି। ଆଗାମୀ ମାସ ଠାରୁ କୌଣସି ଷ୍ଟେଟ ବ୍ୟାଙ୍କ ଗ୍ରାହକ ଏଟିଏମ୍‌ରୁ ଦିନକୁ ୨୦ ହଜାର ଟଙ୍କାରୁ ଅଧିକ ଟଙ୍କା ଉଠାଇପାରିବେ ନାହିଁ। ସେହିପରି ଅନ୍ ଲାଇନ କାର୍ଡ ଫଣ୍ଡ ଟ୍ରାନ୍ସଫର ବ୍ୟବସ୍ଥାରେ ମଧ କେତେକ ପରିବର୍ତ୍ତନ କରାଯାଇଛି। ଏସ୍‌ବିଆଇ ଗ୍ରାହକମାନେ ଏଣିକି ସେମାନଙ୍କ ଡେବିଟ୍ କାର୍ଡରୁ ଇଜି ସର୍ଭିସ୍ ମାଧ୍ୟମରେ ଦିନକୁ ଅନ୍ୟ ଜଣକୁ ଦିନକୁ ୪୦ ହଜାର ଟଙ୍କା ଟ୍ରାନ୍ସଫର କରିପାରିବେ। ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଜଣେ ଗ୍ରାହକ ଅସୀମ ଟ୍ରାନ୍ସଫର କରିପାରିବେ। ଅନ୍ୟାନ୍ୟ ବ୍ୟାଙ୍କ ମଧ୍ୟରେ ଏଚଡିଏଫସି ବ୍ୟାଙ୍କର ଗ୍ରାହକମାନେ ପ୍ଲାଟିନମ୍ ଚିପ ଡେବିଟ୍ କାର୍ଡ ମାଧ୍ୟମରେ ଦିନକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏଟିଏମ୍‌ରେ ଉଠାଇପାରିବେ। ଆଇସିଆଇସିଆଇ ବ୍ୟାଙ୍କର ସାଧାରଣ ଗ୍ରାହକମାନେ ଦିନକୁ ଏଟିଏମ୍ ମାଧ୍ୟମରେ ସର୍ବାଧିକ ୫୦ ହଜାର ଏବଂ ସିଗନେଚର୍ କାର୍ଡଧାରୀମାନେ ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଉଠାଇପାରିବେ। ତେବେ ଗୋଟିଏ ମାସର ପ୍ରଥମ ୫ଟି କାରବାର ପାଇଁ ଗ୍ରାହକମାନଙ୍କୁ କୌଣସି ଦେୟ ଦେବାକୁ ପଡୁନଥିବା ବେଳେ ଏହା ପରବର୍ତ୍ତୀ ଫାଇନାନ୍ସିଆଲ କାରବାର ପାଇଁ ୨୦ ଟଙ୍କା ଏବଂ ନନ୍ ଫାଇନାନ୍ସିଆଲ କାରବାର ପାଇଁ ୮.୫୦ ଟଙ୍କା ଦେୟ ପଡିବ। ସେହିପରି ଆକ୍ସିସ୍ ବ୍ୟାଙ୍କର ଟିଟାନିୟମ୍ ପ୍ରାଇମ୍ କାର୍ଡ ମାଧ୍ୟମରେ ଦିନକୁ ସର୍ବାଧିକ ଭାବେ ୫୦,୦୦୦,ରୁପେ ପ୍ଲାଟିନମ୍ କାର୍ଡ ମାଧ୍ୟମରେ ୪୦,୦୦୦ ଏବଂ ବରଗୁଣ୍ଡି ଡେବିଟ୍ କାର୍ଡ ମାଧ୍ୟମରେ ଜଣେ ଗ୍ରାହକ ଦିନକୁ ୩ ଲକ୍ଷ ଟଙ୍କା ଉଠାଇ ପାରିବେ।



# ବଦଳିବ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା

**ନୂଆଦିଲ୍ଲୀ :** ଆସନ୍ତା ବର୍ଷ ଜୁଲାଇରୁ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)ରେ ଅନେକ କିଛି ପରିବର୍ତ୍ତନ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଜାରି ହେବାକୁ ଥିବା ଏହି ନୂତନ ଲାଇସେନ୍ସ, ଯାନ ପଞ୍ଜୀକରଣ ପରିଚୟପତ୍ର (ଆର୍‌ସି) ସହିତ ସମାନ ହେବ। ଅର୍ଥାତ୍ ଉଭୟ ଆର୍‌ସି ଏବଂ ଡିଏଲ୍‌ର ରଙ୍ଗ, ଡିଜାଇନ୍ ଏବଂ ସୁରକ୍ଷା ଫିଚର ଏକାପରି ଉପଲବ୍ଧ ହେବ। ଏହି ସ୍ମାର୍ଟ ଡିଏଲ୍ ଏବଂ ଆର୍‌ସିରେ ମାଇକ୍ରୋ ଚିପ୍ ବା କ୍ୟୁଆର୍ କୋଡ୍ ରହିବ। ଉଭୟ କାର୍ଡରେ ମେଟ୍ରୋ ଏବଂ ଏଟିଏମ୍ କାର୍ଡ ଭଳି ନିୟର୍ ଫିଲ୍ଡ କମ୍ୟୁନିକେସନ୍ (ଏନ୍‌ଏଫ୍‌ସି) ମଧ ହେବ, ଯଦ୍ୱାରା ଟ୍ରାଫିକ୍ ପୁଲିସକୁ କୋଡ୍‌ରେ ଥିବା ସମସ୍ତ ସୂଚନା ସଙ୍ଗେ ସଙ୍ଗେ ମିଳିଯିବ। ନୂତନ ଡିଏଲ୍‌ରେ ଚାଳକଙ୍କ ସହ ସମ୍ବନ୍ଧିତ ସବିଶେଷ ତଥ୍ୟ ଉପଲବ୍ଧ ହେବ। ଚାଳକଜଣକ ଯଦି ସ୍ୱତନ୍ତ୍ର ଡିଜାଇନ୍‌ର ଗାଡ଼ି ଚଳାଉଛନ୍ତି, ତେବେ ସେ ସମ୍ପର୍କରେ ମଧ ଉକ୍ତ କୋଡ୍ ମାଧମରେ ଜଣାପଡ଼ିବ। ସଡ଼କ ପରିବହନ ମନ୍ତ୍ରଣାଳୟ ସହିତ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ ଏମିସନ୍ ବା ଉତ୍ସର୍ଜନ ନର୍ମ୍ସ ସହ ଜଡ଼ିତ ଏହି ଫିଚର୍‌ର ତଥ୍ୟ ଆର୍‌ସି ଉପରେ ଦିଆଯାଇଥିବ, ଯାହା ପ୍ରଦୂଷଣ ରୋକିବାରେ ସହାୟକ ହେବ।

# ଆସିପାରେ ନୂତନ ଜିଏସ୍‌ଟି !

**ନୂଆଦିଲ୍ଲୀ :** ସମଗ୍ର ଦେଶରେ ଗୋଟିଏ ଟିକସ ବ୍ୟବସ୍ଥା ବସ୍ତୁ ଏବଂ ସେବା କର ବା ଜିଏସ୍‌ଟିକୁ ନେଇ ବ୍ୟବସାୟୀମାନଙ୍କର ସମାଲୋଚନାକୁ ସାମ୍ନା କରୁଥିବା ମୋଦୀ ସରକାର ଏହାସହିତ ଜଡ଼ିତ ଅନ୍ୟ ଏକ ଯୋଜନା ଆଣିବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଆର୍ଥିକ ଇନ୍‌ଷ୍ଟ୍ରୁମେଣ୍ଟ ସମ୍ପର୍କିତ ଟିକସ ଦରରେ ସମାନତା ଆଣିବା ଲାଗି ସରକାର ଦେଶବ୍ୟାପୀ ଗୋଟିଏ ଷ୍ଟାମ୍ପ ଡ୍ୟୁଟି ଦର ଲାଗୁ କରିବା ନେଇ ପ୍ରସ୍ତୁତି ଚଳାଇଛନ୍ତି। ସରକାରଙ୍କ ଏହି ପଦକ୍ଷେପ ମଧ ଗତବର୍ଷର ଟିକସ ବ୍ୟବସ୍ଥାକୁ ନେଇ ହୋଇଥିବା ବଡ଼ ପରିବର୍ତ୍ତନ (ଜିଏସ୍‌ଟି) ଭଳି ହେବ, ଯେଉଁଥିରେ ରାଜ୍ୟ ଏବଂ କେନ୍ଦ୍ରର ଟିକସ ବ୍ୟବସ୍ଥାକୁ ସମାନ କରାଯାଇଥିଲା। ବର୍ତ୍ତମାନ ଷ୍ଟାମ୍ପ ଡ୍ୟୁଟିର ଦର ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ରହିଛି। କିଛି ରାଜ୍ୟରେ ଏହା ୮ ପ୍ରତିଶତ ପର୍ଯ୍ୟନ୍ତ ମଧ ରହିଛି। ଯଦି ଏହାକୁ ଲାଗୁ କରିଦିଆଯାଏ, ତେବେ ପଞ୍ଜାବରେ ସମ୍ପତ୍ତି ମହଙ୍ଗା ହୋଇଯିବ ଏବଂ ହରିଆଣାରେ ଶସ୍ତା ହୋଇଯିବ। ଏହି ପଦକ୍ଷେପ ଦ୍ୱାରା ଇଜ୍ ଅଫ୍ ଡୁଇଙ୍ଗ୍ ବ୍ୟବସାୟକୁ ପ୍ରୋତ୍ସାହନ ମିଳିବ। ତେବେ ସଂଶୋଧନ ସମେତ ବିଲ୍‌କୁ ଶୀତକାଳୀନ ଅଧିବେଶନରେ ଉପସ୍ଥାପନ କରାଯିବ ବୋଲି ଜନୈକ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଜମି କ୍ରୟ ସମ୍ପର୍କିତ ନେଣଦେଣ ଏବଂ ଡକ୍ୟୁମେଣ୍ଟ ଉପରେ ଷ୍ଟାମ୍ପ ଡ୍ୟୁଟି ଲାଗୁ ହେଉଥିବାବେଳେ ଏହାକୁ ଜିଏସ୍‌ଟି ଅଧୀନରୁ ବାହାରେ ରଖାଯାଇଛି। ବିଲ୍ ଅଫ୍ ଏକ୍ସଚେଞ୍ଜ୍, ଚେକ୍, ଲୋଡିଂ ବିଲ୍ସ, ଲେଟର୍ସ ଅଫ୍ କ୍ରେଡିଟ୍, ଇନ୍‌ସ୍ୟୁରାନ୍ସ ପଲିସିଜ୍, ସେୟାର ଟ୍ରାନ୍ସଫର୍, ଏଗ୍ରୀମେଣ୍ଟ ଆଦି ଉପରେ ଷ୍ଟାମ୍ପ ଡ୍ୟୁଟିକୁ ସଂସଦ ଧାର୍ଯ୍ୟ କରୁଥିବାବେଳେ ଅନ୍ୟ ଆର୍ଥିକ ଇନ୍‌ଷ୍ଟ୍ରୁମେଣ୍ଟଗୁଡ଼ିକ ଉପରେ ରାଜ୍ୟ ତରଫରୁ ଷ୍ଟାମ୍ପ ଡ୍ୟୁଟି ଦର ଧାର୍ଯ୍ୟ କରାଯାଏ।

# ଭାରତର ଆଇଆଇଟିଆନ୍‌ଙ୍କୁ ପୁଣି ଆମେରିକାରେ ଚାକିରି ସୁଯୋଗ

**ୱାଶିଂଟନ୍ :** ଭାରତରେ ବୈଷୟିକ ଶିକ୍ଷା ଲାଭ କରିବା ପରେ ଯୁକ୍ତରାଷ୍ଟ୍ର ଆମେରିକାରେ ଚାକିରି କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁଯୋଗ ଦେଇଛନ୍ତି। ଭାରତର ବୈଷୟିକ ଜ୍ଞାନକୌଶଳ ଲାଭ କରିଥିବା ଯୁବପିଢ଼ୀଙ୍କୁ ଆମେରିକାର ବିଭିନ୍ନ କମ୍ପାନୀରେ କର୍ମସଂସ୍ଥାନ ଯୋଗାଇଦେବା ତାଙ୍କର ଅନ୍ୟ ଏକ ଅଭିଳାଷ ବୋଲି ଟ୍ରମ୍ପ କହିଛନ୍ତି। ବେଆଇନ୍ ବିଦେଶ ଯାତ୍ରାକୁ ଟ୍ରମ୍ପ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଆଇନ ଅନୁସାରେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରବେଶ କରି ସେଠାକାର ଅର୍ଥନୀତିର କର୍ଣ୍ଣଧାର ହେବା ସହ ଭାରତର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ପ୍ରୟାସ କରାଯିବା ଦରକାର। ଭାରତର ଯୁବବର୍ଗଙ୍କୁ ଆମେରିକା କାର କମ୍ପାନୀରେ ନିଯୁକ୍ତି ସୁଯୋଗ ଦେବାକୁ ରାଷ୍ଟ୍ରପତି ଟ୍ରମ୍ପ ଆଶାପ୍ରକାଶ କରିଛନ୍ତି। ଭାରତ କାହିଁକି, ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ଶିକ୍ଷିତ ବର୍ଗଙ୍କୁ ଆମେରିକାରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ସେ ଆଗ୍ରହୀ। ଉଚ୍ଚଶିକ୍ଷିତ ପ୍ରବାସୀ ଯୁବବର୍ଗଙ୍କ ପିଠିରେ ଆମେରିକାର ଅର୍ଥନୀତିକୁ ସୁଦୃଢ଼ କରିବା ସହଜ ବୋଲି ଟ୍ରମ୍ପଙ୍କ ହୃଦବୋଧ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାର ଭିସା ଓ ପାସପୋର୍ଟ ନୀତି କୋହଳ କରିବା ସେତେ କଷ୍ଟକର ବ୍ୟାପାର ନୁହେଁ। ଦେଶର ଅର୍ଥନୀତିକୁ ସଜାଡ଼ିବାକୁ ହେଲେ, କୋହଳ ଭିସାନୀତି ଜରୁରି। ଟ୍ରମ୍ପ ଚେନ୍ ଭିସା ନୀତିକୁ ନାପସନ୍ଦ କରିଛନ୍ତି। ଏ ପ୍ରକାର ଭିସା ନୀତିରେ ବହୁ ସମସ୍ୟା ଉପୁଜିବାର ଆଶଙ୍କା ପ୍ରକଟ କରିଛନ୍ତି। ଅନ୍ୟ ଦେଶର ଅପରାଧୀମାନେ ଯେପରି ଆମେରିକାରେ ପ୍ରବେଶ କରିବାର ସୁଯୋଗ ନ ପାଆନ୍ତି, ସେଥିପ୍ରତି ଯତ୍ନବାନ୍ ହେବାକୁ ସେ ଭିସା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଦେଶର ଅର୍ଥନୀତିକୁ ସୁଧାରିବାକୁ ଯାଇ ଅପରାଧିଙ୍କୁ ଆଶ୍ରୟ ଦେଇ ଦେଶ ଓ ସମାଜକୁ ବିପଦରେ ପକାଇବାକୁ ସେ ଚାହାନ୍ତି ନାହିଁ। ନିଜର ଦୁଇବର୍ଷର ଶାସନ କାଳକୁ ଆମେରିକାର ସଫଳତାର ବର୍ଷ କହିବାକୁ ଟ୍ରମ୍ପ ପଛାଇନାହାନ୍ତି। ସେ କହିଛନ୍ତି, ଅନ୍ୟ ବ୍ୟକ୍ତିଙ୍କ ଶାସନ କାଳରେ ଆମେରିକାରେ ଯାହା ନ ଘଟିଥିଲା, ଏବେ ସେଥିରେ ବିରାଟ ପରିବର୍ତ୍ତନ ଘଟିଛି। ଚୀନ, ବ୍ରିଟେନ୍, ଫ୍ରାନ୍ସ ଭଳି ରାଷ୍ଟ୍ରର ଅର୍ଥନୀତି ତୁଳନାରେ ଯୁକ୍ତରାଷ୍ଟ୍ର ଆମେରିକାର ଅର୍ଥନୀତି ବେଶ ସୁଦୃଢ଼ ରହିଛି। ପ୍ରତିରକ୍ଷା କ୍ଷେତ୍ରରେ ମଧ ଆମେରିକା ବିଶ୍ୱର ଶ୍ରେଷ୍ଠତମ ସ୍ଥାନରେ ଅଛି ବୋଲି ଟ୍ରମ୍ପ ଦୃଢ଼ତାର ସହ କହିଛନ୍ତି।

# ଫେସ୍‌ବୁକ ଆକାଉଣ୍ଟଧାରୀଙ୍କୁ ସୁରକ୍ଷା ଦେବାରେ କମ୍ପାନୀ ବିଫଳ

**ଲଣ୍ଡନ :** ବିଶ୍ୱର କୋଟି କୋଟି ଫେସ୍‌ବୁକ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇ ସଂପୃକ୍ତ ଆକାଉଣ୍ଟଗୁଡିକର ତଥ୍ୟ ଚୋରି କରାଯାଉଛି। ଏହି ଚୋରି ତଥ୍ୟକୁ ହ୍ୟାକର୍‌ମାନେ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ଆକାଉଣ୍ଟଧାରୀମାନଙ୍କ ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯାଇଥିଲା ବେଳେ ଫେସବୁକ୍‌ରୁ ତଥ୍ୟ ଚୋରି କ୍ଷେତ୍ରରେ ଫେସବୁକ୍ କମ୍ପାନୀ ପକ୍ଷରୁ ଆକାଉଣ୍ଟଧାରୀମାନଙ୍କୁ ସେମାନଙ୍କ ପରିଚୟଜନିତ ତଥ୍ୟ ସୁରକ୍ଷା ଦିଆଯାଇ ପାରିବନି ବୋଲି କୁହାଯାଇଛି। ଇତି ମଧ୍ୟରେ ୧୪ ନିୟୁତ ଫେସବୁକ୍ ଆକାଉଣ୍ଟଧାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଛି ବୋଲି ଖୋଦ୍ କମ୍ପାନୀ ତରଫରୁ କୁହାଯାଇଥିଲେ ହେଁ ଏଥିପ୍ରତି କମ୍ପାନୀ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି କୁହାଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଫେସ୍‌ବୁକ୍‌ରୁ ତଥ୍ୟ ଚୋରି ବେଳେ ଜଣେ ବ୍ୟବହାରୀଙ୍କ ସର୍ଚ୍ଚ ହିଷ୍ଟ୍ରି, ଲୋକେଶନ ଡାଟା ଏବଂ ଏ ସଂପର୍କିତ ସୂଚନା, ଆକାଉଣ୍ଟଧାରୀଙ୍କ ସହ ଅନ୍ୟମାନଙ୍କ ସମ୍ପର୍କ, ଧର୍ମ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଚୋରି ହେଉଛି। ଏହାଛଡା ବଡ ବଡ କମ୍ପାନୀଙ୍କ ବ୍ୟବସାୟର ବିଭିନ୍ନ ଦିଗର ତଥ୍ୟ ମଧ ଚୋରି ହେଉଛି। ଏହା ସତ୍ତ୍ୱେ କମ୍ପାନୀ ଏଥିପାଇଁ ସୁରକ୍ଷା ଯୋଗାଇନଦେବା ନିଶ୍ଚିତ ଭାବେ ଲଜ୍ଜାକର ବିଷୟ ବୋଲି ବିବିସିକୁ ନିଜର ମତାମତ ଦେଇ ବିଶିଷ୍ଟ ବିଶ୍ଲେଷକ ପ୍ୟାଟ୍ରିକ୍ ମୁରହେଡ୍ କହିଛନ୍ତି। ହ୍ୟାକରସ୍‌ମାନେ ଯେଉଁ ଢଙ୍ଗରେ ତଥ୍ୟ ଚୋରି କରୁଛନ୍ତି ତଦ୍ୱାରା ଏହି ଚୋରି ତଥ୍ୟକୁ ନେଇ ସେମାନେ ସୋସିଆଲ ଇଞ୍ଜିନିୟରିଂ ଥେଫ୍ଟ ପ୍ରୋଗ୍ରାମ ମାଧ୍ୟମରେ ବହୁ ଜଘନ୍ୟ କାର୍ଯ୍ୟ କରିପାରିବେ ବୋଲି ମୁରହେଡ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଗତ ଦିନରେ ପ୍ରାୟ ୧୪ ନିୟୁତରୁ ଅଧିକ ସଂଖ୍ୟକ ଫେସ୍‌ବୁକ୍ ଆକାଉଣ୍ଟରୁ ୟୁଜରନେମ୍, ଲିଙ୍ଗ, ସ୍ଥାନୀୟ ଭାଷା, ସଂପର୍କ ପ୍ରତିଷ୍ଠାଜନିତ ତଥ୍ୟ, ଧର୍ମ, ଆକାଉଣ୍ଟଧାରୀଙ୍କ ନିଜସ୍ୱ ସହର, ଜନ୍ମ ତାରିଖ, ଫେସ୍‌ବୁକ୍ ବ୍ୟବହାର କରିବା ପାଇଁ ବ୍ୟବହୃତ ଡିଭାଇସ୍, ଶିକ୍ଷାଗତ ଯୋଗ୍ୟତା ଏବଂ ଜଣେ ୧୦ ବର୍ଷ ଧରି କାର୍ଯ୍ୟ କରିସାରିଥିବା କମ୍ପାନୀ କିମ୍ବା ଅନୁଷ୍ଠାନ ସମ୍ପର୍କରେ ତଥ୍ୟ ଚୋରି ହୋଇଛି। ସେହିପରି ବିଭିନ୍ନ କମ୍ପାନୀର ଫେସ୍‌ବୁକ୍ ଆକାଉଣ୍ଟରୁ ମଧ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି ହୋଇଛି। ଆଗାମୀ ଦିନରେ ଚୋରି ସଂଖ୍ୟା ବୃଦ୍ଧି ହେବାର ମଧ ସମ୍ଭାବନା ରହିଛି। ୨୦୧୩ରେ ହ୍ୟାକରମାନେ ବିଭିନ୍ନ କମ୍ପାନୀଗୁଡିକର ତଥ୍ୟ ଚୋରି କରିନେବା ପରେ କ୍ରେଡିଟ୍ ପ୍ରୋଟେକ୍ସନ ଏଜେନ୍ସିମାନଙ୍କ ଦ୍ୱାରା ସେମାନଙ୍କୁ ଆଇଡେଣ୍ଟି ଥେଫ୍ଟଜନିତ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ହେଲେ ସାଂପ୍ରତିକ ସ୍ଥିତିରେ ଆକାଉଣ୍ଟଧାରୀମାନଙ୍କୁ ଏହି ସୁବିଧା ଯୋଗାଇ ଦିଆନଯିବା ପରିତାପର ବିଷୟ ବୋଲି କୁହାଯାଇଛି। ୟୁରୋପରେ ଗତ ମେ ମାସରେ ଜେନେରାଲ ଡାଟା ପ୍ରୋଟେକ୍ସନ ରେଗୁଲେସନ (ଜିଡିପିଆର) ବ୍ୟବସ୍ଥା ଲାଗୁ କରାଯାଇ ତଥ୍ୟ ଚୋରି କ୍ଷେତ୍ରରେ ଫେସ୍‌ବୁକ୍ କମ୍ପାନୀ ଠାରୁ ସର୍ବାଧିକ ଭାବେ ୧.୬୩ ବିଲିୟନ ଡଲାର ଜୋରିମାନା ଆଦାୟ କରାଯିବାକୁ କୁହାଯାଇଛି।




# ନଭେମ୍ବର ୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ

**ବାରିପଦା :** ଆସନ୍ତା ନଭେମ୍ବର ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଅଭୟାରଣ୍ୟ ଭିତରକୁ ଯିବା ପାଇଁ ପର୍ଯ୍ୟଟକମାନେ ପିଠାବଟା (ଲୁଲୁଙ୍ଗ) ଓ କାଳିଆଣି (ଯଶିପୁର) ଗେଟ ଦେଇ ଯିବେ। ଭିତରକୁ ପ୍ରବେଶ ଅନୁମତି ପତ୍ର ଉପରୋକ୍ତ ଦୁଇ ଗେଟରେ ସକାଳ ୬ ଟାରୁ ୯ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ପର୍ଯ୍ୟଟକଙ୍କ ଯାନ ଓ ସେମାନଙ୍କ ଜିନିଷପତ୍ରକୁ ଯାଞ୍ଚ କରାଯିବ। ଦୈନିକ କାଳିଆଣି (ଯଶୀପୁର) ଗେଟରେ ୩୫ଟି ଚାରି ଚକିଆ ଗାଡ଼ି ଏବଂ ପିଠାବଟା ଗେଟରେ ୨୫ଟି ଗାଡ଼ି ପ୍ରବେଶ ପାଇଁ ଅନୁମତି ଦିଆଯିବ। ସେହିପରି ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ପାଇଁ ଲିଖିତନାମା ଦେବେ। ଅପରାହ୍ଣ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ଣ ୪ଟା ସୁଦ୍ଧା ଚହଲା ସ୍ଥାନକୁ ପର୍ଯ୍ୟଟକଙ୍କୁ ଛାଡିବାକୁ ହେବ। ତେବେ କୌଣସି କାରଣବସତଃ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଯାନ ଖରାପ ହେଲେ ପର୍ଯ୍ୟଟକଙ୍କୁ ବାରିପଦା କିମ୍ବା ଯଶିପୁର ସ୍ଥାନାନ୍ତରିତ କରିବା ପାଇଁ ଅଗ୍ରିମ ଭାବେ ୪ହଜାର ଟଙ୍କା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କୁ ପଇଠ କରିବେ ଏବଂ ପର୍ଯ୍ୟଟକମାନେ ପ୍ରତି ଗାଡ଼ିରେ ଜଣେ ଗାଇଡ ନେବା ବାଧ୍ୟତାମୂଳକ। ଅଭୟାରଣ୍ୟର କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସ ଗୁଡ଼ିକରେ ରହିବାକୁ ହେଲେ ପର୍ଯ୍ୟଟକଙ୍କୁ ୱେବ୍‌ସାଇଟରେ ଅଗ୍ରୀମ ଆରକ୍ଷଣ କରିବାକୁ ହେବ। ପର୍ଯ୍ୟଟକଙ୍କୁ ନେଇଯାଇଥିବା କୌଣସି ଯାନ ଦ୍ୱିତୀୟ ଥର ପାଇଁ ନିୟମାବଳୀ ଉଲ୍ଲଂଘନ କଲେ ସେହି ଯାନକୁ ଭବିଷ୍ୟତରେ ଅଭୟାରଣ୍ୟକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ସନ୍ଧ୍ୟା ୫ଟା ସୁଦ୍ଧା ପିଠାବଟା, ତୁଳସିବଣି ଓ କାଳିଆଣି ତନଖି ଫାଟକ ଅତିକ୍ରମ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ତିତ୍‌ଲି ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ କମିଟି

**ଭୁବନେଶ୍ୱର :** ତିତ୍‌ଲି ଓ ଏହାର ପରବର୍ତ୍ତୀ ବନ୍ୟା କ୍ଷତି ଓ ପରିସ୍ଥିତିକୁ ସ୍ୱଭାବିକ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା ଓ ସମୀକ୍ଷା ବୈଠକ କରାଉଛନ୍ତି। ସଚିବାଳୟରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ଥଇଥାନ, ରିଲିଫ୍ ବଣ୍ଟନ, ରାସ୍ତାଘାଟ, ବିଜୁଳି ସଂଯୋଗ, କ୍ଷତିପୂରଣ ସହାୟତା ବଣ୍ଟନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅଧିକାରୀମାନେ ଏ ସମ୍ପର୍କରେ କାର୍ଯ୍ୟ ଆଶାନୁରୂପକ ଆଗକୁ ଯାଉଥିବା କହିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ବାସ୍ତବସ୍ଥିତି ଅନୁଧ୍ୟାନ ପାଇଁ ନିରପେକ୍ଷ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିବା ପାଇଁ କହିଥିଲେ। ଆସନ୍ତା ୫ ଦିନ ପରେ ଅର୍ଥାତ୍ ୨୪ ତାରିଖ ପରେ ଏହି ପର୍ଯ୍ୟବେକ୍ଷକ ବିଭିନ୍ନ ପ୍ରଭାବିତ ଜିଲ୍ଲାକୁ ଗସ୍ତକରି ସେମାନଙ୍କ ରିପୋର୍ଟ ଦେବେ। ସେମାନଙ୍କ ରିପୋର୍ଟ ଭିତ୍ତିରେ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର ହେବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟସଚିବ



ଏକ ସଚିବ ସ୍ତରୀୟ ସମୀକ୍ଷା ବୈଠକ ଡକାଇଥିଲେ। ଯେଉଁଥିରେ ପରିସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏହି ବୈଠକରୁ ଜଣାପଡ଼ିଛି ଯେ, କୃଷିକ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସମୁଦାୟ ୧୭ଟି ଜିଲ୍ଲାର ୨ଲକ୍ଷ ୭୩ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୧ଲକ୍ଷ ୯୮ ହଜାର ହେକ୍ଟର ଧାନ ଓ ୭୫ ହଜାର ୩୪୮ ହେକ୍ଟର ଜମିରେ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଗଞ୍ଜାମ ଗଜପତି, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ କ୍ଷୟକ୍ଷତିକୁ ଏହିକ୍ରମରେ ଆକଳନ କରାଯାଇଥିଲା। ଏଥିରେ କୁହାଯାଇଛି ଯେ, ୯୦ ପ୍ରତିଶତ ରାସ୍ତାର ମରାମତି କାମ ଶେଷ ହୋଇଛି। ବିଭିନ୍ନ ନଦୀବନ୍ଧରେ ସୃଷ୍ଟି ହୋଇଥିବା ୭୦ଟି ଘାଇର ମରାମତି କାର୍ଯ୍ୟ ଶେଷ ହୋଇଛି। ୫୭୦ଟି ରାସ୍ତା ମଧ୍ୟରୁ ୫୫୭ଟିର ମରାମତି ସରିଛି। ଏଠାରେ ଯାତାୟାତ ସ୍ୱଭାବିକ ହୋଇପାରିଛି। ପିଇବା ପାଣିର ସମସ୍ୟା ଦୂର ପାଇଁ ମଧ୍ୟ ପାନୀୟଜଳ ବିଭାଗ ଗୁରୁତ୍ୱାରୋପ କରିଛି। ୧୬ହଜାର ୫୫୭ଟି ପ୍ରଭାବିତ ନଳକୂପକୁ ବିଶୋଧନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ୬୬୨ଟି ପାଇପ୍‌ଜଳ ପ୍ରକଳ୍ପରୁ ୫୪୬ଟିକୁ କାର୍ଯ୍ୟକ୍ଷମ କରାଯାଇପାରିଛି। ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ପ୍ରତି ସରକାର ଓ ପ୍ରଶାସନ ଗୁରୁତ୍ୱ ଦେଉଥିବା ଏହି ସମୀକ୍ଷା ବୈଠକରୁ ଜଣାପଡ଼ିଛି।

# ଖୋରଧାରେ ପୋଲିସ ସହିଦ ସ୍ମୃତି ଦିବସ ପାଳିତ

**ଖୋରଧା :** ସ୍ଥାନୀୟ ରିଜର୍ଭ ପୋଲିସ୍ ଗ୍ରାଉଣ୍ଡ, ତରତୁଆ ଠାରେ ଖୋରଧା ପୋଲିସ୍ ତରଫରୁ ୫୯ ତମ ପୋଲିସ୍ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଖୋରଧା ଏସ୍.ପି. ଶ୍ରୀ ଦୀପ୍ତି ରଂଜନ ରାୟ, ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରି ବିଗତ ଦିନରେ ୧.୯.୨୦୧୭ ଠାରୁ ୩୧.୮.୨୦୧୮ ପର୍ଯ୍ୟନ୍ତ କର୍ତବ୍ୟରତ ସମୟରେ ପ୍ରାଣବଳୀ ଦେଇଥିବା ଅର୍ଦ୍ଧସାମରିକ ଓ ପୋଲିସ କର୍ମଚାରୀ ମାନଙ୍କର ନାମ ପାଠ କରିଥିଲେ । ଚଳିତ ବର୍ଷ ଆମ ରାଜ୍ୟର  ଜଣଙ୍କ ସମେତ ସାରା ଦେଶରେ ୪୧୪ ଜଣ ଆରକ୍ଷୀ କର୍ତବ୍ୟରତ ଅବସ୍ଥାରେ ପ୍ରାଣବଳୀ ଦେଇଛନ୍ତି ।  ପରେ ପରେ ପୋଲିସ୍ ଶହୀଦ୍ ସ୍ତମ୍ଭରେ ଖୋରଧା ଏସ୍.ପି. ଶ୍ରୀ ଦୀପ୍ତି ରଂଜନ ରାୟ, ୬ଷ୍ଠ ଆଇ.ଆର. ବଟାଲିଅନ କମାଣ୍ଡାଟ୍ ଶ୍ରୀ ରାଜ୍ କିଶୋର ସାହୁ, ଆଡିସ୍‌ନାଲ୍ ଏସ୍.ପି. କୃତିବାସ ଜେନା, ଆଡିସ୍‌ନାଲ୍ ଏସ୍.ପି. ପ୍ରମୋଦ କୁମାର ସାମନ୍ତରାୟ, ଡି.ଏସ୍.ପି. ଅର୍ଜୁନ ବାରିକ, ଡି.ଏସ୍.ପି. ଅମରେଶ କୁମାର ପଣ୍ଡା, ଡି.ଏସ୍.ପି. ଶତିସ୍ ଚନ୍ଦ୍ର ପାଢ଼ୀ, ଏସ.ଡି.ପି.ଓ. ଯୁଗଳ କିଶୋର ଦାସ୍, ଆଇ.ଆଇ.ସି. ରଂଜିତ ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ ପୁଷ୍ପାମାଲ୍ୟ ଅର୍ପଣ କରିଥିଲେ । ପୋଲିସ୍ ବାହିନୀ ତରଫରୁ ଶୋକଶସ୍ତ୍ର କରି ଶହୀଦ୍‌ଙ୍କୁ ସମ୍ମାନ ଜଣାଇଥିଲେ ।  ଉକ୍ତ ଉତ୍ସବରେ ଖୋରଧା ଅଂଚଳର ବହୁ ବରିଷ୍ଠ ନାଗରିକ, ମାନ୍ୟଗନ୍ୟ ବ୍ୟକ୍ତି, ପୋଲିସ୍ ଅଫିସର,ଅବସରପ୍ରାପ୍ତ ପୋଲିସ୍ ଅଫିସର, ଆରକ୍ଷୀ ବାହିନୀ, ତଥା ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ଶହିଦ୍‌ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ଇତିହାସ ରଚିଲା ପାରାଦୀପ ବନ୍ଦର

**ପାରାଦୀପ :** ଇତିହାସ ପୃଷ୍ଠାରେ ପୁଣିଥରେ ଲେଖା ହେଲା ପାରାଦ୍ୱୀପ ବନ୍ଦରର ସଫଳତାର ଆଉ ଏକ ଅଧ୍ୟାୟ ପାରାଦ୍ୱୀପ ବନ୍ଦର ମଧ୍ୟରେ ଗୋଟିଏ ଦିନରେ ୨୭ ପଣ୍ୟବାହୀ ଜାହାଜ କାରବାର କରାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛି । ଏଠାରେ ସୂଚନା ଯୋଗ୍ୟ ଯେ ଗତ ବର୍ଷ ଡିସେମ୍ବର ମାସରେ ୨୪ଟି ପଣ୍ୟବାହୀ ଜାହାହ ୨୪ ଘଣ୍ଟାରେ ଚଳାଚଳ କରି ପାରାଦ୍ୱୀପ ବନ୍ଦର ରେକର୍ଡ କରିଥିଲା ଆଜି ସେହି ନିଜ ରେକର୍ଡ ନିଜେ ଭଙ୍ଗ କରିଛି ପାରାଦ୍ୱୀପ ବନ୍ଦର । ସୂଚନା ମୁତାବକ ଗତ ୧୩.୧୦.୨୦୧୮ ସକାଳ ୬ଟାରୁ ଆରମ୍ଭ କରି ୧୪.୧୦.୨୦୧୮ ରାତି ୨ଟା ସୁଦ୍ଧା ଅର୍ଥାତ୍ ଦୀର୍ଘ ୨୦ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ୨୭ଟି ଜାହାଜ ଚଳାଚଳ କରିଛି ଯାହାକି ଏକ ସର୍ବକାଳୀନ ରେକର୍ଡ ବୋଲି ବନ୍ଦର



ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ମଧୁବନ ସ୍ଥିତ ଅଫିସର୍ସ କ୍ଲବ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା ଏହି ସମ୍ମିଳନୀରେ ଟ୍ରାଫିକ ମ୍ୟାନେଜର ଏସ୍ .କେ . ମିଶ୍ର , ଡେପୁଟି ଟ୍ରାଫିକ ମ୍ୟାନେଜର ଏ.କେ. ସାହୁ ମେରାଇନ୍ ବିଭାଗର କ୍ୟାପଟେନ୍ ଅଲେଖ ଚରଣ ସାହୁ ଉପସ୍ଥିତ ଥିଲେ । ସୂଚନା ମୁତାବକ ଭୟଙ୍କର ବାତ୍ୟା ତିତଲି ପାଇଁ ୨ରୁ ୩ ଦିନ ବନ୍ଦରର ପଣ୍ୟକାରବାର ବାଧାପ୍ରାପ୍ତ ହୋଇଥିଲା । ସେହି ୩ ଦିନର ପଣ୍ୟ କାରବାର କ୍ଷତିକୁ ୨୦ ଘଣ୍ଟାରେ ଭରଣା କରାଯାଇଥିଲା  ଅର୍ଥାତ୍ ୨୦ ଘଣ୍ଟାରେ ୨୭ ଜାହାଜରେ ୬.୩୯ ଏମଟି ପଣ୍ୟ କାରବାର ହୋଇଥିଲା । ଯାହାକି ଦିନିକିଆରେ ସର୍ବାଧିକ । ପୂର୍ବରୁ ଗତବର୍ଷ ସେପ୍ଟେମ୍ବର ୨୫ରେ ସର୍ବାଧିକ ଦିନିକିଆ ପଣ୍ୟ କାରବାର ୫.୩୪ ଏମଟି ଥିଲା  ଏଥି ପାଇଁ ବନ୍ଦର ପ୍ରଶାସନ ସମସ୍ତ ସହଯୋଗୀ , ବ୍ୟବହାରକାରୀ ସଂସ୍ଥା ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପ୍ରଶଂସା କରିଛନ୍ତି।

# ଖୁବ୍‌ଶୀଘ୍ର ମହାପ୍ରସାଦର ମୂଲ୍ୟ ନିର୍ଦ୍ଧାରଣ

**ପୁରୀ :** ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦର ମୂଲ୍ୟ ଖୁବ୍ ଶୀଘ୍ର ନିର୍ଦ୍ଧାରଣ ହେବ। ମହାପ୍ରସାଦ ସଂପର୍କରେ ଭକ୍ତମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଆନନ୍ଦ ବଜାରରେ ଏକ ଅଭିଯୋଗ କ୍ୟାବିନ୍ ରହିବ। ଅନଧିକୃତ ବ୍ୟକ୍ତିମାନେ ଏଣିକି ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି କରିପାରିବେ ନାହିଁ ବୋଲି ସୁଆର ମହାସୁଆର ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ବୈଠକରେ ମହାପ୍ରସାଦର ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଏବେ କୋଠଭୋଗ ପ୍ରସ୍ତୁତି ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଚାଉଳ, ଡାଲି, କୁଡୁଆ ଓ ଅନ୍ୟାନ୍ୟ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ମୂଳ ଖର୍ଚ୍ଚର ଆକଳନ ପରେ କେତେ ଲାଭ ରଖାଯିବ ଏବଂ ମହାପ୍ରସାଦର ମୂଲ୍ୟ କେତେ ହେବ ତାହା



ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ହେବ। ତେବେ ଭକ୍ତମାନଙ୍କ ପାଇଁ ମହାପ୍ରସାଦର ମୂଲ୍ୟ ତାଲିକା ଆନନ୍ଦ ବଜାର ଓ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ। ମହାପ୍ରସାଦ ପ୍ରସ୍ତୁତ ବେଳେ ଶ୍ରୀମନ୍ଦିରର ଦେଉଳକରଣ ଓ ସୁପରଭାଇଜର ଉପସ୍ଥିତ ରହି ମାନ ଓ ପରିମାଣ ଯାଞ୍ଚ କରିବେ। ମହାପ୍ରସାଦ ସଂପର୍କରେ ଭକ୍ତମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଆନନ୍ଦ ବଜାରରେ ଏକ ଅଭିଯୋଗ କ୍ୟାବିନ୍ ରହିବ। ଏହି କ୍ୟାବିନ୍‌ରେ ସୁଆର ମହାସୁଆର ନିଯୋଗର ପ୍ରତିନିଧି ଓ ଶ୍ରୀମନ୍ଦିର ପ୍ରଶାସନର ପ୍ରତିନିଧି ଉପସ୍ଥିତ ରହି ଭକ୍ତମାନଙ୍କ ଅଭିଯୋଗ ଗୁଡ଼ିକର ସମାଧାନ କରିବେ। ସେଠାରେ ଜଣେ ପୁଲିସ୍ କର୍ମଚାରଙ୍କୁ ନିଯୁକ୍ତ କରିବାକୁ ମଧ୍ୟ ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି। କ୍ୟାବିନ୍‌ରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ଭକ୍ତମାନଙ୍କୁ ମହାପ୍ରସାଦ କିଣିବା ଓ ସେବନ ନେଇ ପରାମର୍ଶ ଦେବେ। ଆନନ୍ଦ ବଜାରରେ କୌଣସି ଅନଧିକୃତ ବ୍ୟକ୍ତି ମହାପ୍ରସାଦ ବିକ୍ରି କରିପାରିବେ ନାହିଁ। ଏପରିକି ସେଭଳି ବ୍ୟକ୍ତି ମହାପ୍ରସାଦ କିଣିବା ପାଇଁ ଭକ୍ତମାନଙ୍କୁ ଡାକିବା ବା ଟଣାଓଟରା କରିପାରିବେ ନାହିଁ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। କାର୍ତ୍ତିକ ମାସରେ ସରକାରୀ କ୍ୟାମ୍ପରେ ରଖାଯାଉଥିବା ହବିଷ୍ୟାଳୀମାନଙ୍କୁ ଯେଭଳି ଶୃଂଖଳିତ ଭାବେ ମହାପ୍ରସାଦ ମିଳିପାରିବ ସେ ସଂପର୍କରେ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି। ବ୍ୟକ୍ତିଗତ ଭାବେ ପ୍ରସ୍ତୁତ ହେଉଥିବା ମହାପ୍ରସାଦର ମୂଲ୍ୟ ସଂପର୍କରେ ଏହି ବୈଠକରେ କୌଣସି ଆଲୋଚନା ହୋଇନାହିଁ। ପରବର୍ତ୍ତୀ ବୈଠକରେ ଏ ସଂପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଗତ ରଥଯାତ୍ରା ସମୟର ସେବକ ପୁରସ୍କାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇ ଏବେ ବଣ୍ଟନ ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି। ଆଜିର ଏହି ବୈଠକରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି, ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ସାମନ୍ତରାୟ, ବୈଦ୍ୟନାଥ ମହାସୁଆର, କାଳିଆ ପଢ଼ିଆରୀ ଓ ଧୁନା ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ।

# ନଭେମ୍ବର ଶେଷ ସୁଦ୍ଧା ଡିଗ୍ରୀ କଲେଜରେ ସିସି ଟିଭି ବାଧ୍ୟତାମୂଳକ

**ଭୁବନେଶ୍ୱର :** ପୂଜା ଛୁଟି ପରେ ରାଜ୍ୟର ସମସ୍ତ ଡିଗ୍ରୀ କଲେଜଗୁଡିକର ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯିବ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନଭେମ୍ବର ଶେଷ ସୁଦ୍ଧା କ୍ୟାମ୍ପସରେ ସିସି କ୍ୟାମେରା ଲଗାଇବା ବାଧ୍ୟତା ମୂଳକ କରାଯାଇଥିଲା। ପୂର୍ବରୁ ୨୦୧୭ ଅଗଷ୍ଟ ୩୧ସୁଦ୍ଧା ସମସ୍ତ କ୍ୟାମ୍ପସରେ ସିସି କ୍ୟାମେରା ଲଗାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ତେବେ ଏଥର ନିର୍ଦ୍ଦେଶକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ସହ ବିଭିନ୍ନ ଅପ୍ରୀତିକର ପରିସ୍ଥିତି ସମ୍ପର୍କରେ ନଜର ରଖିବା ଲାଗି ଏପରି ବ୍ୟବସ୍ଥା ହୋଇଥିବା ଜଣାପଡିଛି। ତେବେ ଉଚ୍ଚଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଅନେକ କ୍ୟାମ୍ପସରେ ବିଭିନ୍ନ କାରଣରୁ ସମସ୍ୟା ସୃଷ୍ଟି ହେଉଛି। ରାଜ୍ୟର ସବୁ ଡିଗ୍ରୀ କଲେଜରେ ବିଭିନ୍ନ କାରଣରୁ ଅଶାନ୍ତି ବୃଦ୍ଧି ପାଉଛି। ଏହାକୁ ରୋକିବା ଲାଗି ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଏହାବ୍ୟତୀତ ପ୍ରତିବର୍ଷ ନିର୍ବାଚନ ପୂର୍ବରୁ କ୍ୟାମ୍ପସରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମାରପିଟ୍ ମଧ୍ୟ ହୋଇଛି। ଅନେକ କ୍ୟାମ୍ପସରେ ପ୍ରାକ୍ ନିର୍ବାଚନୀ ହିଂସାରୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ସେ ସମୟରେ କ୍ୟାମ୍ପସଏକ ପ୍ରକାର ଅସୁରକ୍ଷିତ ହୋଇପଡିଥାଏ। ଏପରି ସମସ୍ୟାର ସମାଧାନ ପାଇଁ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମାତ୍ର ଚଳିତବର୍ଷ ନିର୍ବାଚନ ବାତିଲ ହୋଇଥିବାରୁ ଏହି ଯୋଜାନକୁ ୨ମାସ ଘୁଞ୍ଚାଇ ଦିଆଯାଇଛି। ବିଭିନ୍ନ କ୍ୟାମ୍ପସର ମୁଖ୍ୟଫାଟକରେ ସିସିଟିଭି କ୍ୟାମେରା ଲଗାଯିବ। ସମସ୍ତ ସିସି କ୍ୟାମେରାର ଅର୍ଥ ରାଶିର ୫୦ପ୍ରତିଶତ ସରକାର ପ୍ରଦାନ କରିବେ। ଏହାବ୍ୟତୀତ କ୍ୟାମ୍ପସରେ ସିସି କ୍ୟାମେରା ଗୁଡିକୁ ଓକାକ୍ ମାଧ୍ୟମରେ ସଂଯୋଗ କରାଯିବ। କ୍ୟାମେରା କ୍ୟାମ୍ପସର ମୁଖ୍ୟ ଫାଟକ, ମୁଖ୍ୟ କାର୍ଯ୍ୟାଳୟ ଓ ଶ୍ରେଣୀ କକ୍ଷ ସମ୍ମୁଖରେ ସଂଯୋଗ କରାଯିବ। ଅପରପକ୍ଷେ ପୂର୍ବରୁ ଯେଉଁ ସବୁ କଲେଜରେ ସିସିଟିଭିର ବ୍ୟବସ୍ଥା ହୋଇଥିଲା ସେ ସବୁର ମାନ ମଧ୍ୟ ଯାଞ୍ଚ କରାଯିବ। କିଛି କ୍ୟାମ୍ପସରେ ନିମ୍ନ ମାନର ସିସି କ୍ୟାମେରା ଲାଗି ଥିବାରୁ ସେ ସବୁ ଅଚଳ ହୋଇପଡ଼ିଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ସିସି ଟିଭିଲାଗି କେତେ ଟଙ୍କା ବ୍ୟୟ ହୋଇଥିଲା ଏବଂ କେଉଁ ଏଜେନ୍ସିରୁ ସେ ସବୁ ଆସିଥିଲା ସମସ୍ତ ବ୍ୟବସ୍ଥାର ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି।

# ଛୁଟିଦିନରେ କାମ କରିବେନି ଡାକ୍ତର

**ଭୁବନେଶ୍ୱର :** ଆସନ୍ତା ୨୮ତାରିଖରୁ ସରକାରୀ ଛୁଟିଦିନଗୁଡ଼ିକରେ ଆଉ ପୂର୍ବ ଭଳି ଡାକ୍ତରମାନେ ଡ୍ୟୁଟି କରିବେନାହିଁ। ସେମାନେ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଘରେ ରହି ଛୁଟିଦିନଗୁଡ଼ିକୁ ଉପଭୋଗ କରିବେ। ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍(ଓମସା) ସଭାପତି ଡାକ୍ତର ନିରାକାର ଭଟ୍ଟ ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ୮ଦଫା ଦାବି ନେଇ ଓମସା ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଓମସା ଦାବି ସମ୍ପର୍କରେ ଆଲୋଚନା କଲେ ନାହିଁ। ତେଣୁ ଓମସା ବାଧ୍ୟ ହୋଇ ଏହି ନିଷ୍ପତ୍ତି ନେଇଛି। ଓମସାର ଏହି ନିଷ୍ପତ୍ତିକୁ ସ୍ୱାସ୍ଥ୍ୟ ସଚିବଙ୍କୁ ଏକ ପତ୍ରମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି ଡାକ୍ତର ଭଟ୍ଟ ସୂଚନା ଦେଇଛନ୍ତି। ଓମସା ପକ୍ଷରୁ ୨ଗାନ୍ଧୀଜୟନ୍ତୀଠାରୁ ୧୫ତରିଖ ପର୍ଯ୍ୟନ୍ତ ୧୪ଦିନ ବ୍ୟାପୀ ରାଜ୍ୟ ସମସ୍ତ ସଦରମହକୁମାଠାରେ ଡାକ୍ତରମାନଙ୍କ ଧାରଣା ଜାରିରହିଛି। ୨୮ତାରିଖ ସୁଦ୍ଧା ସରକାର ଯଦି କୌଣସି ନିଷ୍ପତ୍ତି ଗ୍ରହଣ ନକରନ୍ତି, ତାହେଲେ ଓମସା ଡାକ୍ତରମାନେ ଛୁଟିଦିନଗୁଡ଼ିକରେ କାର୍ଯ୍ୟ କରିବେ ନାହିଁ। ତେଣୁ ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀ ସେବାରେ ଯେପରି କୌଣସି ଅସୁବିଧା ନଉପୁଜେ, ସେଥିଲାଗି ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ପଦକ୍ଷେପ ନେବାକୁ ଓମସା ଚିଠି ମାଧ୍ୟମରେ ଜଣାଇ ଦେଇଛି ବୋଲି ଡାକ୍ତର ଭଟ୍ଟ କହିଛନ୍ତି। ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହା ସରକାରଙ୍କ ଏକ ଉତ୍ତମ ପଦକ୍ଷେପ। ଓମସା ଏହାକୁ ସ୍ୱାଗତ କରିଛି। ହେଲେ ଏହି ଯୋଜନାରେ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ସାମିଲ କରିବା ଲାଗି ସଂଘ ଦାବି କରିଛି ବୋଲି ସେ କହିଛନ୍ତି। ଓଏମ୍ ଆଣ୍ଡ ଏଚ୍‌ଏସ୍ କ୍ୟାଡ଼ର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଓ ଡିଏସିପି ପ୍ରଦାନ, ଡାକ୍ତରଙ୍କୁ ସରକ୍ଷା ସହିତ ହସ୍ପିଟାଲଗୁଡ଼ିକରେ ନିର୍ଭୟରେ ବୁଲିବା ଲାଗି ବାତାବରଣ, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ, ଓଏମ୍ ଆଣ୍ଡ ଏଚ୍‌ଏସ୍ କ୍ୟାଡ଼ର ୨୦୧୮ ପ୍ରତ୍ୟାହାର, ଓମସା ସହ ଆଲୋଚନା ପରେ ସଂଶୋଧନ, ଓଏମ୍ ଆଣ୍ଡ ଏଚ୍‌ଏସ୍ ଡାକ୍ତର ଓ ଡେଣ୍ଟାଲ ସର୍ଜନଙ୍କ ପାଇଁ କ୍ୟାଡ଼ର ପୁନର୍ଗଠନ, ଅବସର ବୟସ ସୀମା ୬୨କୁ ବିରୋଧ ଆଦି ୮ଦଫା ଦାବି କରିଛି ବୋଲି ଡାକ୍ତର ଭଟ୍ଟ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ୭୩ ବର୍ଷରେ ପଦାର୍ପଣ ସ୍ମାରକୀ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ

# ୧୧୭୩ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର :** କ୍ରମାଗତ ଭାବେ ରାଜ୍ୟର ବିକାଶ ଘଟାଇ ଓଡ଼ିଶାବାସୀଙ୍କ ଭରସାର ଆଶାବାଡ଼ି ପାଲଟିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୩ ବର୍ଷରେ ପଦାର୍ପଣ ସ୍ମାରକୀ ଦିବସରେ ଭୁବନେଶ୍ୱରସ୍ଥିତ ବିଜେଡି ରାଜ୍ୟ କାର୍ଯ୍ୟାଳୟ ସମେତ ନିମାପଡ଼ା, ବ୍ରହ୍ମପୁର, କୁଚିଣ୍ଡା, ଅନୁଗୁଳ, ବୌଦ୍ଧ, ଖଣ୍ଡପଡ଼ା, ଦଶପଲ୍ଲା, ନୟାଗଡ଼, ରାଉରକେଲା, ସୁନ୍ଦରଗଡ଼, ସମ୍ବଲପୁର, ଜଗତସିଂହପୁର, କେନ୍ଦ୍ରାପଡ଼ାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ **Naveen@1173** ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଭୁବନେଶ୍ୱରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଛାତ୍ର ବିଜେଡି ରାଜ୍ୟ ସଭାପତି ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ଦଳର ଆଇଟି ସେଲ୍ ମୁଖ୍ୟ ତଥା ମୁଖପାତ୍ର ଅମର ପଟ୍ଟନାୟକ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା,



ବିଜେଡି ରାଜ୍ୟ ସଂପାଦକ ତଥା ଜୀବନ ବିନ୍ଦୁ ରାଜ୍ୟ ସଂଯୋଜକ (ପ୍ରୋଗ୍ରାମ ଓ ମିଡିଆ) ବିଜୟ ନାୟକ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମୁଖପାତ୍ର ସୁଲୋଚନା ଦାସ, ପାନେଲିଷ୍ଟ ସୁଲତା ଦେଓ, ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ସଂଜିତ ମହାନ୍ତି, ଉପ-ସଭାପତି ମନ୍ଦାକିନୀ କର, ଦୁର୍ଗା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, କାର୍ଯ୍ୟକାରୀ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ସାଧାରଣ ସଂପାଦକ ସୁଜିତ ପାଲଟାସିଂହ, ପ୍ରଦୋଷ ପରିଡ଼ା, ମିକୁ ପ୍ରଧାନ, ସନ୍ତୋଷ ମହାପାତ୍ର, ଅପୂର୍ବା ଅପରୂପା, ସଂପାଦକ ରାଜଲକ୍ଷ୍ମୀ ବେହେରା, ପ୍ରମୋଦ ପାତ୍ର, ସ୍ନେହାଶିଷ ଜେନା, ସାଂଗଠନିକ ସଂପାଦକ ସ୍ମିତପ୍ରଜ୍ଞା ଦାସ, ସଂସଦ ନାୟକ, ମାଲକାନଗିରି ଜିଲ୍ଲା ସଭାପତି ସୋମେଶ ବାଗ, କଟକ ଜୋନ୍ ସଭାପତି ସ୍ମୃତିରଞ୍ଜନ ଦାଶ, ଧର୍ମାନନ୍ଦ ଧଳ, ସଂଜୟ ବିଶୋୟୀ, ସନଥ ମିଶ୍ର, ସିଦ୍ଧାର୍ଥ ଦାସ, ଦେବସ୍ମିତା ଦାସ, ମଧୁସ୍ମିତା ନାୟକ, ଅନ୍ନପୂର୍ଣ୍ଣ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ବିଜୁ ଜନତା ଦଳ ପକ୍ଷରୁ ସାମାଜିକ ଉତ୍ତରଦାୟିତ୍ୱ ରୂପେ ଆରମ୍ଭ କରାଯାଇଥିବା 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଶୁଭାରମ୍ଭ ବିଜୁବାବୁଙ୍କ ୯୯ତମ ଜନ୍ମ ଜୟନ୍ତୀରୁ ଆରମ୍ଭ ହୋଇ ଏବେ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ରକ୍ତ ଅଭାବରୁ କେହି ଯେପରି ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ନହୁଅନ୍ତି, ତାହା ନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ, ଯାହାକୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ରକ୍ତଦାତାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରି ପ୍ରମାଣିତ କରିଦେଇଛନ୍ତି। ଗୋଟିଏ ଆଞ୍ଚଳିକ ରାଜନୈତିକ ଦଳର ଏପରି ସାମାଜିକ ସେବା କରିବା ସାରା ବିଶ୍ୱରେ ଅନନ୍ୟ। ଏହାଦ୍ୱାରା ରକ୍ତଦାନ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିଛି। ଆମ ରାଜ୍ୟର ୪ କୋଟି ଲୋକଙ୍କ ପାଇଁ ଅନ୍ୟୁନ ୧ ପ୍ରତିଶତ ହାରରେ ପ୍ରତିବର୍ଷ ୪ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ଥିଲାବେଳେ ବିଭିନ୍ନ ରକ୍ତଦାନ ଶିବିରରୁ ପ୍ରତିବର୍ଷ ୨ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ ହେଉଥିବା ବେଳେ ବିଜୁ ଜନତା ଦଳର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ପାଖାପାଖି ୧ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ ହେଉଛି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ଅକ୍ଟୋବର, ୨୦୧୮


# ପରାସ୍ତ ମଣିଷ ଦୁଃଖିତ ଓ ମର୍ମାହତ

**ସା**ମ୍ପ୍ରତିକ ସମୟରେ ବିତ୍ତଶାଳୀ ହେବାର ଅହେତୁକ ମୋହ ମଣିଷକୁ ଅସାମାଜିକ ହେବାକୁ ଯେଭଳି ବାଧ କରୁଥିବା ମନେ ହେଉଛି। ଯେଉଁଥିପାଇଁ ପାରିବାରିକ ସମ୍ପର୍କ ଠାରୁ ଆରମ୍ଭ କରି ସାମାଜିକ ସମ୍ପର୍କରେ ବିଭେଦ ଦେଖାଦେବା ସହିତ ଆତ୍ମୀୟତାର ନିବିଡ ସ୍ପର୍ଶ ଧିରେ ଧିରେ ଲୋପ ପାଇବାକୁ ବସିଛି। ନିତି ପ୍ରତି ଅନେକ ଘଟଣା ହୃଦୟଥିବା ମଣିଷ ମନରେ କ୍ଷୋଭ, ଯନ୍ତ୍ରଣା ଓ ଆଘାତ ଏଭଳି ପରିସ୍ଥିତି ସୃଷ୍ଟି କରୁଛି ଯେ, ଯେଉଁଥିପାଇଁ ମଣିଷ ପ୍ରତିବଦ୍ଧତାର ପ୍ରତିଶବ୍ଦ ଖୋଜିବା ପାଇଁ ଛଟପଟ ହୁଏ। ନୂଆକୁ ଆଦର ଓ ପୁରୁଣାକୁ ହତାଦର ଭାବନା ଯେଉଁ କାୟା ବିସ୍ତାର କରୁଛି ସେଥିରେ କେବଳ ଶଠ ଓ କପଟୀମାନେ ଲାଭନ୍ୱିତ ହେଉଥିବାର ଦୃଶ୍ୟମାନ ହେଉଥିଲେ ବି ଏହା କେତେଦୂର ଯଥାର୍ଥ ଓ ଆବଶ୍ୟକତା ତାହା ବିଚାର କରିବା କଠୋର ସମୟ ମଧ୍ୟରେ ଗତି କରୁଛି ସମାଜ। ଶଠମାନେ ମଧୁର କଥା କହି ଅନ୍ୟକୁ ଆପଣାର କରି ନିଜର ସ୍ୱାର୍ଥ ହାସଲ କରୁଥିଲା ବେଳେ କପଟୀମାନେ ଅଙ୍କାବଙ୍କା ବାଟ ତିଆରି କରି ଅନ୍ୟକୁ ଅସୁବିଧାରେ ପକାଇ ନିଜର ସ୍ୱାର୍ଥ ସିଦ୍ଧି କରିପାରୁଛନ୍ତି। ଏଭଳି ଘଟଣା ଗାଁ ଅପେକ୍ଷା ସହରରେ ବେଶୀ ବୋଲି ଅନୁଭବ ହୁଏ। କାରଣ ବଡ ବଡ ସହରରେ ମତଲବହୀନ ସମ୍ପର୍କ ଦେଖିବାକୁ ଆଉ ମିଳୁନାହିଁ। ଯିଏ ଯେଉଁ ଉପାୟରେ ହେଉ ଅନ୍ୟକୁ ଖାଲରେ ପକାଇ ନିଜେ କିଭଳି ସ୍ୱଚ୍ଛନ୍ଦରେ ରହିପାରିବ ଓ ବିଳାସବ୍ୟସନ ମଧ୍ୟ ଦେଇ ଜୀବନକୁ ଅତିବାହିତ କରିପାରିବ ସେତିକି ଚିନ୍ତା ବ୍ୟତୀତ ପରକୁ ଆପଣାର ଭାବି କିଛି କାର୍ଯ୍ୟ କରିବାର ଚିନ୍ତାଧାରା କାହା ମନକୁ ଜୁଟୁନି। ଯେଉଁଥିପାଇଁ ଧିରେ ଧିରେ ମଣିଷ ମଣିଷ ଠାରୁ ଦୂରେଇ ଯିବାକୁ ବସିଛି। ରାମ ରାମାନନ୍ଦ ହେବାର ରାୟରେ ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ କେହି ନା କେହି ତଳିତଳାନ୍ତ ହେଉଥିଲା ବେଳେ ଆଉ କେହି ସର୍ବଗିଳା ସାଜି ଦୁନିଆକୁ ଦେଖେଇ ହେଉଛନ୍ତି। ସେମାନଙ୍କ ମଧ୍ୟରେ ନିଜର ଭାଇବନ୍ଧୁ, କୁଟୁମ୍ବ, ସହୋଦର ଏବଂ ଅତି ଆପଣାର ମିତ୍ର ମନେ କରୁଥିବା ବ୍ୟକ୍ତିମାନେ ରହିଛନ୍ତି। ସହିବାର ସୀମାରେଖା ଟପି ଯାଉଥିଲେ ବି ଅନେକ ସ୍ଥଳରେ ପରିଚୟ ମୋହରେ ପଦାକୁ ଘଟଣା ଆସିପାରୁନାହିଁ। ଯେଉଁଥିପାଇଁ ନିର୍ଯାତନା ଦେଉଥିବା ଲୋକଟି ନିଜକୁ ସଚ୍ଚୋଟ କହିବା ସହିତ ଅନ୍ୟକୁ ପରୀକ୍ଷାର କଠୋର ପାହାଚ ଉପରେ ଆଘାତ ପରେ ଆଘାତ ଦେଇଚାଲିଛି। ଶାସ୍ତ୍ରାନୁସାରେ ଆତ୍ମାକୁ ବାଧିଲେ ତୁଣ୍ଡ ନ ଖୋଲିଲେ ବି ପବନ ତା'ର ପରାକ୍ରମ ଦେଖାଇପାରେ। ଏହି ପବନଟି ଆତ୍ମା ଓ ପରମାତ୍ମାର ସଂଯୋଜକ ଭୂମିକା ନିଭାଉଥିବା ବେଳେ ଏକଥାଟିକୁ ସ୍ୱାର୍ଥୀ ମଣିଷ ସହଜରେ ବୁଝିପାରେନାହିଁ। ଯେଉଁଥିପାଇଁ ଅନ୍ୟର ଭଲପାଇବାକୁ ଦୁର୍ବଳତା ମନେକରି ଅତ୍ୟାଚାରର ପାହାଡରୁ ଖଣ୍ଡିଏ ଖଣ୍ଡିଏ ପଥର ଆଣି ଅନ୍ୟର ମଥାକୁ ପିଟି ଚାଲିଥାଏ। ଏଭଳି ନିରନ୍ତର ପ୍ରକ୍ରିୟା ଯେତେବେଳେ ଭୟଙ୍କର ରୂପ ନିଏ ସେତେବେଳେ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ସତ୍ତା ମଝିରେ କେହି ନା କେହି ଅଦୃଶ୍ୟ ଭାବେ ନ୍ୟାୟର ତରାକୁ ଧରି ଏହାର ଉପଯୁକ୍ତ ବିଚାର କରିଥାନ୍ତି। ନିଜର ଅହଂକାରକୁ ସାବ୍ୟସ୍ତ କରିବାକୁ ଯାଇ ଅନ୍ୟର ସହଜ ପଣିଆ ପ୍ରତି ଉପହାସ କରିବା ଭଳି କାର୍ଯ୍ୟ ସର୍ବଦା ସହାୟକ ହୋଇ ନଥାଏ। ବେଳେବେଳେ ପୁଞ୍ଜିଭୂତ ବେଦନା ମଣିଷକୁ କିଛିବି କରିବାକୁ ବାଧ କରେ ସେତେବେଳେ ଧର୍ମ ଅଧର୍ମର ଆଉ ଫରକ କିଛି ନଥାଏ। ତେବେ ଏଭଳି ହୁଏ କାହିଁକି ?

ସମ୍ପାଦକୀୟ



ତାରକ ମହାନ୍ତି

କୋମଳ ବୟସର ମଣିଷମାନେ ସହଜ, ସରଳ ହୋଇଥିଲା ବେଳେ ବୟସ ବୃଦ୍ଧି ହେବା ପରେ ଏସବୁ ଘଟଣା ବଢ଼ି ବଢ଼ି ଚାଲେ। ଏହାର କାରଣ ଭାବେ ଦେଖିଲେ ଜଣାପଡେ ଯେ, ପୂର୍ବସୂରୀଙ୍କ ସମ୍ପତ୍ତିକୁ ନେଇ କିଛି ଲୋକ ଧନାର୍ଢ୍ୟ ଭାବେ ପରିଗଣିତ ହେଉଥିଲା ବେଳେ ଆଉ କିଛି ଲୋକ ଫନ୍ଦିଫିକର କରି ଅଧିକ ଅର୍ଥ ଉପାର୍ଜନ କରିବା ଭିତରେ ମନ ଭିତରକୁ ବଡଲୋକି ଭାବ ଗ୍ରାସ କରେ। ଯେଉଁଥିପାଇଁ ଅନ୍ୟର କୋଠାଘର, ଗାଡି, ମଟର, ପୋଷା ପରିଚ୍ଛଦ ଓ ଚଳଣୀକୁ ଅନୁକରଣ କରି ନିଜେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଦର୍ଶାଇ ହେବାର ମୋହକୁ ଆଗେଇ ନିଅନ୍ତି। ସେହି ଆଗକୁ ଯିବାର ପ୍ରକ୍ରିୟା ମଧ୍ୟରେ ଅନେକ ଆତ୍ମୀୟସ୍ୱଜନ ଓ ଘନିଷ୍ଠ ବନ୍ଧୁମାନେ ବଳି ପଡିବାକୁ ବାଧ ହୋଇଥାନ୍ତି। ଏମିତିବି ଦେଖାଯାଏ ରାଜଧାନୀକୁ ଆସିଥିବା ଅନେକ ବ୍ୟକ୍ତି ଭଙ୍ଗା ସାଇକେଲ ଖଣ୍ଡିଏ ଆଣି ନଥିବା ବେଳେ ବର୍ତ୍ତମାନ ପୁଞ୍ଜା ପୁଞ୍ଜା ଗାଡି ମଟର ଚଢ଼ିବା ସହିତ ଦାମୀ ନାମୀ ହୋଟେଲରେ ଖାଦ୍ୟ ଖାଇବା ଓ ବ୍ରାଣ୍ଡେଡ ପୋଷାକ ପିନ୍ଧିବାକୁ ବ୍ୟକ୍ତିତ୍ୱର ଆଧାରକୁ ମନେ କରି ସେହି କାର୍ଯ୍ୟରେ ଲାଗି ପଡିଛନ୍ତି। ଅତୀତରେ ଖଣ୍ଡେ ଚାଳ ଘରେ ମୁଣ୍ଡ ଗୁଞ୍ଜୁଥିବା ଲୋକ ବିଶାଳ ପ୍ରସାଦର ସ୍ୱପ୍ନ ଭିତରେ ଉବୁଟୁବୁ ହୁଅନ୍ତି। ଆଦ୍ୟ କାଳରେ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ଉତ୍ତମ ଶିକ୍ଷା ଦେଇପାରୁ ନଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ମାନର ବିଦ୍ୟାଳୟରେ ଓ ମହାବିଦ୍ୟାଳୟରେ ନିଜର ପିଲାଙ୍କୁ ପଢ଼ାଇ ପାରନ୍ତି। ଏହା କିଭଳି ସମ୍ଭବ ହେଉଛି ବୋଲି ଯେବେ ମନ ଭିତରେ ପ୍ରଶ୍ନ ଉଠେ ଏହାର ଗୋଟିଏ ମାତ୍ର ଉତ୍ତର ଯେ, ଅନ୍ୟାୟ ଅନୀତି ମାର୍ଗରେ ରୋଜଗାର ବଢ଼ିଲେ ଖର୍ଚ୍ଚ ମଧ୍ୟ ସେହି ଅନୁପାତରେ କରିହୁଏ। ମୋ ଜାଣିବା ଭିତରେ ଏଭଳି ଅନେକ ସରକାରୀ କର୍ମଚାରୀ ଅଛନ୍ତି ଯେଉଁମାନଙ୍କ ଅତୀତ ଅତ୍ୟନ୍ତ ଦୁର୍ଦ୍ଦିନ ଓ ଆଶ୍ରୟହୀନ ଭାବେ ଅତିବାହିତ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟ ମାନଙ୍କରେ ସେମାନେ ଅନ୍ୟାୟ ମାର୍ଗରେ ଉପାର୍ଜିତ ଧନକୁ ନେଇ ଗର୍ବ କରିବା ସହିତ ସାମାଜିକ ପ୍ରତିଷ୍ଠାର ଦାବିଦାର ହୋଇଯାଆନ୍ତି। ଏକଥା ସମାଜର ପ୍ରତ୍ୟେକ ବର୍ଗର ଲୋକେ ଜାଣନ୍ତି, ବୁଝନ୍ତି କିନ୍ତୁ କେହି କାହାକୁ କହିପାରନ୍ତି ନାହିଁ। ଅନ୍ୟାୟ ଅନୀତି କରୁଥିବା ଲୋକଙ୍କୁ ନିନ୍ଦା କରିବା ବଦଳରେ ପ୍ରଶଂସାରେ ପୋତି ଦେଇ ତାକୁ ଧନ୍ୟ କରିଦିଅନ୍ତି। ଏହାରି ପଛରେ ସାମାନ୍ୟ କିଛି ପାଉଣା ବା ପାଇବାର ମୋହ ରହିଥାଏ। ପିମ୍ପୁଡିକୁ ଚିନି ଦାନାଟିଏ ଦେଇ ମୂଲ୍ୟବାନ ସମ୍ପତ୍ତି ହାତେଇବାର କାଇଦା ଶିଖିଥିବା ଲୋକଟି ନିଜକୁ ଅତି ଚତୁର ଭାବେ ସତ୍ୟନିଷ୍ଠ ବୋଲି ପ୍ରମାଣିତ କରି ସୁରୁଖୁରୁରେ କାର୍ଯ୍ୟ ହାସଲ କରିନିଏ। ଏକଥାଟିକୁ ବୁଝିଲା ବେଳକୁ ସମ୍ପତ୍ତି ହରାଇଥିବା ଲୋକ ଜୀବନ ବିକଳରେ ନା' ମୃତ୍ୟୁ ନା' ଜୀବନ କାହାକୁ ଧରି ରଖିପାରେ। କପଟୀ ଲୋକଙ୍କର ମଧୁର କଥା କହିବାର ଶୈଳୀ ଓ ବନ୍ଧୁପଣିଆକୁ ସହଜରେ ଠଉରାଇ ହୁଏନାହିଁ। ତେଣୁ ଅନାୟସରେ ସେମାନେ ସରଳବିଶ୍ୱାସୀ ଲୋକଙ୍କୁ ସହଜରେ ଠକି ପାରନ୍ତି। ଅତୀତ ଓ ବର୍ତ୍ତମାନ ମଧ୍ୟରେ ଥିବା ପାର୍ଥକ୍ୟ ଏତେ ଅଧିକ ଥାଏ ଯେ, ନିରୀହ ଲୋକଟି ବନ୍ଧୁ ଭାବେ ମାନି ନେଇଥିବା କପଟୀ ଲୋକଙ୍କୁ ନା' ମୁହଁଖୋଲି କିଛି କହିପାରେ କିମ୍ବା ବିରୋଧରେ ସ୍ୱର ଉତ୍ତୋଳନ କରିପାରେ। ଜଣକର ନିରବତା ଦେଖି ଆଉଜଣେ ନିଜ ଭିତରେ ନିଜେ ଉଲ୍ଲସିତ ହେବା ସହିତ ଜିତି ଯାଇଥିବାର ଦୁର୍ଲଭ ଆଶ୍ୱାସନାକୁ ନେଇ ଅଧିକରୁ ଅଧିକ ଭୂଲ ବାଟ ଆପଣାଇବାରେ ସମର୍ଥ ହୋଇଥାଏ। ବିଶ୍ୱାସ ଓ ଅବିଶ୍ୱାସର ଦ୍ୱନ୍ଦ୍ୱ ଭିତରେ ପୁରୁଣା ସମ୍ପର୍କଟି ହଜିଯାଇ କେତେବେଳେ ପାଣିଚିଆ ବା ଗୋଳିଆ ହୋଇଯାଏ ତାହା ବୁଝିବା ଅବସ୍ଥାରେ ନଥାଏ ସ୍ୱାର୍ଥପର ମଣିଷ। ବରଂ ଦିନକୁ ଦିନ ଅଧିକରୁ ଅଧିକ ନୂଆ ସମ୍ପର୍କ ସୃଷ୍ଟି କରି ପୁରୁଣା ସମ୍ପର୍କରେ ଡୋରି ବାନ୍ଧିବା ପାଇଁ କୁଣ୍ଠା ପ୍ରକାଶ କରେନାହିଁ। ଯାହା କେବଳ ହାରି ଯାଇଥିବା ମଣିଷଟି ନିଜ ଭିତରେ ନିଜେ ମର୍ମାହତ ଓ ଦୁଃଖିତ ହେଉଥାଏ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ସଙ୍କଟରେ ଧରିତ୍ରୀ



ରବିନ୍ ଖଣ୍ଡାୟତରାୟ

**ଗୋ**ଟିଏ ଗୋଟିଏ ମୁହୂର୍ତ୍ତର ସମାହାରକୁ ନେଇ ସମୟର ଏକକ ଆଉ ଅନେକ ସମୟର ସମଷ୍ଟି ହେଲା ଜୀବନ। ସଦା ପ୍ରବହମାନ ସେହି ସମୟସ୍ରୋତରେ ଭାସୁଥିବା ଜୀବନ ନାବରେ ଘଟଣାଦୁର୍ଘଟଣାମାନ ଅହରହ ଘଟିଚାଲିଛି। ତଥାପି ସକାଳରୁ ସଂଜ ଆଉ ସଂଜରୁ ସକାଳ ମଣିଷର ଗତି ସୀମିତ ନାହିଁ। ସେ ଖୋଜିଚାଲିଛି କିଛି ନୂଆ ଆହୁରି କିଛି ନୂଆ, ଯା'ଭିତରେ କେବେ ବାଟବଣା ହୋଇଛି, କେତେ ଭୁଲ୍‌କରିଛି; ଯାହାର ସାକ୍ଷୀ ମଧ୍ୟ ସେଇ ସମୟ। ଆଜିକାଲି କିନ୍ତୁ କିଛିଟା ସଙ୍କଟମୟ ସ୍ଥିତିରେ ସଂସାର ଗତିକରୁଥିବା ଆଉ ତା'ଭିତରେ ଜୀବନ ଘାଣ୍ଟି ହେଉଥିବାର ନଜରକୁ ଆସିଛି। ସେଥିପାଇଁ ବ୍ୟସ୍ତ ହୋଇପଡ଼ିଛନ୍ତି ଚିନ୍ତାଶୀଳ ଜନନାୟକମାନେ। ଏମିତି କିଛି ସମସ୍ୟା ମଧ୍ୟରୁ ପ୍ରମୁଖଟି ହେଉଛି- ଜଳବାୟୁ ପରିବର୍ତ୍ତନ ଏବଂ ତଦ୍‌ଜନିତ ସୃଷ୍ଟି ହୋଇଥିବା ସମସ୍ୟା। ପୃଥିବୀ ମଣିଷର ନୁହେଁ ବରଂ ମଣିଷ ପୃଥିବୀର ବୋଲି କୁହାଯାଏ। ତଥାପି ସବୁବେଳେ ମଣିଷ ପୃଥିବୀକୁ ଶୋଷଣ, କଷଣ ଦେଇଚାଲିଛି। ଯାହାର ପ୍ରଭାବ ସାରା ମାନବସମାଜ ଉପରେ ପଡୁଛି। ଏବେ ଦେଖିଲେ ଦିଲ୍ଲୀ ଅବସ୍ଥା ଅସମ୍ଭାଳ ହେଲାଣି, ଆଗକୁ ପଲ୍ଲୀ ଅବସ୍ଥା ବି ସେମିତି ହୋଇଯିବ। ଦିଲ୍ଲୀ ବାୟୁମଣ୍ଡଳରେ ବିଷାକ୍ତ ଧୂଳିକଣା ଆଚ୍ଛାଦନରେ ଜୀବନଯାତ୍ରା ସତେଯେମିତି ଠପ୍ ହୋଇଯାଇଛି। ମୁହଁରେ ମୁଖା ଲଗେଇ ଘରେ ବନ୍ଦିଭାବରେ କେତେ ସମୟ ରହିପାରିବା? ପିଲାମାନଙ୍କୁ କେତେଦିନ ସ୍କୁଲ୍ ନପଠାଇ ଘରେ ରଖିବା? ଏହା ତ ସମସ୍ୟାର ସମାଧାନ ନୁହେଁ ବରଂ ନୂଆ ସମସ୍ୟା ସୃଷ୍ଟିହେବାର ବାଟ। ତେଣୁ ସଙ୍କଟମୟ ସ୍ଥିତିରୁ ଧରିତ୍ରୀ ମାତାକୁ ମୁକୁଳାଇବାକୁ ହେଲେ- ସଂଯମ, ଶୃଙ୍ଖଳା, ସାମାଜିକ ତଥା ପ୍ରାକୃତିକ ସନ୍ତୁଳନତା ପ୍ରତି ଗୁରୁତ୍ୱାରୋପ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି।

ପୃଥିବୀ ସର୍ବଦା ସନ୍ତୁଳନ ପ୍ରିୟ, ଯାହାର ବିରୁଦ୍ଧାଚରଣରେ ଭବିଷ୍ୟତରେ ଜୈବ ବିବିଧତାର ସଂରକ୍ଷଣ ପ୍ରତି ବିପଦ ସୃଷ୍ଟି ହେବ। ବିକାଶ ଏକ ଚିରସ୍ଥାୟୀ ପ୍ରକ୍ରିୟା, କିନ୍ତୁ ବିନାଶର ମୁଳଦୂଆରେ ବିକାଶର ଘର ତୋଳିବାରେ କିଛି ମାନେ ନଥାଏ। ଯେଉଁ ମଣିଷର ସୁଖ ଶାନ୍ତିପାଇଁ ଏତେ ଆୟୋଜନ ସେ ଯଦି ନଥିବ ତେବେ କିଏ ରହିବାକୁ ଏତେ ବ୍ୟବସ୍ଥା? ଅଶୀ ଦଶକରେ ଯେତେବେଳେ ଆରାମଦାୟକ ଜୀବନ ଶୈଳିପାଇଁ ଶୀତତାପ ନିୟନ୍ତ୍ରୀତ ଯନ୍ତ୍ର ପରି ଅନେକ ଗୁଡ଼ିଏ ଯନ୍ତ୍ରର ବ୍ୟବହାର କରାଗଲା, ସବୁଜ ବିପ୍ଳବର ପ୍ରବର୍ତ୍ତନ କରାଯାଇ ଆଖିଦୃଶିଆ ଭାବେ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଗଲା! ସେ ଦ୍ରୁତ ବିକାଶ ଧାରାର ପ୍ରତିବଦଳରେ ଜଳବାୟୁ ପରିବର୍ତ୍ତନ, ମୃତ୍ତିକାର ଗୁଣ ନଷ୍ଟ, ଜଳ ସ୍ତର ହ୍ରାସ ପରି ଆଜି ଆମ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଲାଣି। କାଳି ଭାବ ଆଦାନ ପ୍ରଦାନର ମାଧ୍ୟମ ଥିବା ମୋବାଇଲ୍ ଫୋନ୍ ଆଜି ସ୍ମାର୍ଟ ଫୋନ୍ ହୋଇ ଆମ ପରିବେଶକୁ ବିଷାକ୍ତ କରିବା ସହିତ ଆଖିରୁ ନିଦ ହଜେଇ ଦେଇ ରୋଗିଣା କରି ସାରିଲାଣି। ସ୍ମାର୍ଟ ଫୋନ୍‌ରେ ବ୍ୟବହାର ହେଉଥିବା ଲିଥିୟମ-ଆୟନ ବ୍ୟାଟେରିରୁ ଉର୍ଜନରୁ ଅଧିକ ବିଷାକ୍ତ ଗ୍ୟାସ୍ ବାହାରୁଛି। ଯେଉଁଥିରେ କାର୍ବନ ମନୋକସାଇଡ୍ ମଧ୍ୟ ରହିଛି। ଏହା ପ୍ରଭାବରେ ପରିବେଷ ପ୍ରଦୂଷିତ ହେବା ସହିତ ଲୋକମାନଙ୍କର ଆଖି, ଚର୍ମ ଏବଂ ନାସିକା ଆଦିରେ ଜ୍ୱଳନ ସୃଷ୍ଟି କରୁଛି। ଆହୁରି ତା'ପାଇଁ ହେଉ କି ଅନ୍ୟ କାହା ପାଇଁ ହେଉ କମ୍ ଶୋଇବା କାରଣରୁ ଆମ ଶରୀରରେ ଚର୍ବି ଅଧିକ ଓ ପ୍ରୋଟିନ୍ କମ୍ ଜମାହେଉଛି। କ୍ୟାଲୋରୀରେ ଅସନ୍ତୁଳତା ପାଇଁ ମେଦ ବୃଦ୍ଧି ଘଟୁଛି ଆଉ କମ୍ ଶୋଇବା କାରଣରୁ ଦେହ ଯନ୍ତ୍ର ଅଧିକାଂଶ ରୋଗର ବାହକ ସାଜିଛି ବୋଲି କିଙ୍ଗସ୍ କଲେଜ ଲଣ୍ଡନ ଓ ଆମଷ୍ଟରଡମର ବ୍ରିଜେ ୟୁନିଭର୍‌ସିଟି ପ୍ରଫେସର ଗେର୍ଡ଼ା ପଟ୍ କହିଛନ୍ତି।

ପ୍ରଦୂଷଣର ବିଷବଳୟ ଭିତରୁ ବିଶ୍ୱକୁ ମୁକ୍ତ କରିବାକୁ ହେଲେ ସମସ୍ତଙ୍କର ସହଯୋଗ ନିହାତି ଆବଶ୍ୟକ। ଆଜିର ଆହ୍ୱାନ ହେଉଛି ପ୍ରାକୃତିକ ପ୍ରଦୂଷଣରୁ ସମାଜକୁ ମୁକ୍ତ କରିବା ସହିତ ନିଜକୁ ମାନସିକ ପ୍ରଦୂଷଣରୁ ମଧ୍ୟ ମୁକ୍ତ ରଖିବାକୁ ପଡ଼ିବ। ଅନ୍ୟଥା ନିଜ ଘରଦ୍ୱାର ସଫାକରି ଆମେ ଅନ୍ୟ ଘରକୁ ତାହା ଫୋପାଡୁଥିବା ଯାଏ ଅଳିଆ କେବେ ବି ଦେଶରୁ ଉଠିବନି। ପ୍ରକୃତି ଆମକୁ ନିଃସ୍ୱାର୍ଥପର ଭାବରେ ସେବା ଯୋଗାଇ ଦେଇ ଆସୁଛି ହେଲେ ଆମେ ବ୍ୟକ୍ତିଗତ ସ୍ୱାର୍ଥପୂରଣ ପାଇଁ ମାଟି, ପାଣି, ପବନକୁ ସଦୁପଯୋଗ ନ କରି ବରଂ ସେସବୁକୁ ଦୁରୂପଯୋଗ କରୁଛୁ। ଫଳରେ କେବଳ ଓଡ଼ିଶା କି ଦିଲ୍ଲୀ ନୁହେଁ ବରଂ ସମଗ୍ର ବିଶ୍ୱର ମାନବ ସମାଜକୁ ଏକ ଭୟଙ୍କର ସମୟକୁ ସାମ୍ନା କରିବାକୁ ପଡ଼ିବ। ଏହା ସମସ୍ତଙ୍କ ପାଇଁ ଏକ ସତର୍କ ସୂଚନା! ଏମିତି ସମ୍ବେଦନଶୀଳ ପ୍ରସଙ୍ଗକୁ ଅଣଦେଖା ନ କରି ବରଂ ଏଥିରୁ ମୁକ୍ତି ପାଇବାର ବାଟ ଧରିବା ଆବଶ୍ୟକ। କେହି ନ ଭାବନ୍ତୁ ଯେ ଏହା ମୋର ବ୍ୟକ୍ତିଗତ ସମସ୍ୟା ନୁହେଁ, ଏହା ସାମୁହିକ ସମସ୍ୟା। ତେଣୁ ମୁଁ ଏକା ଚେଷ୍ଟାକରି କିଛି ଲାଭ ନାହିଁ। ହେଲେ ଏକା ଚାହିଁଲେ ଅନେକ କିଛି କରିପାରିବା। ଆଉ ପାଞ୍ଚଜଣଙ୍କୁ ଏଥିପ୍ରତି ସଚେତନ ମଧ୍ୟ କରିପାରିବା। ନିଜେ ଗଛ ଲଗାଇପାରିବା। ପାଖ ପରିବେଶକୁ ସଫାସୁତୁରା ରଖିପାରିବା। ବାହାରେ ମଳ ତ୍ୟାଗ କରିବା ନାହିଁ କି ନଦୀ ଓ ସମୁଦ୍ର ଭଳି ପ୍ରାକୃତିକ ଜଳ ଉତ୍ସକୁ ବିଷାକ୍ତ କରିବା ନାହିଁ। ଧୂମ୍ରବିହୀନ ଜାଳେଣିର ବ୍ୟବହାର କରିବା ଆଉ ଅତ୍ୟଧିକ ଧୂଆଁ ନିର୍ଗତ ହେଉଥିବା ପୁରୁଣା ଯାନର ବ୍ୟବହାର କେବେ କରିବା ନାହିଁ।

ଯେବେ ଜଣଜଣଙ୍କ ଭିତରେ ଏ ସଚେତନତା ସୃଷ୍ଟି ହୋଇପାରିବ, ତେବେ ଏହା ଗଣ ଆନ୍ଦୋଳନରେ ପରିଣତ ହେବାକୁ ହୁଏତ ବେଶି ସମୟ ଲାଗିବ ନାହିଁ। ତେବେ ଆଗରୁ ଏମିତି ଯେ ସଚେତନତା ନ ହୋଇଛି ତାହା ନୁହେଁ ବରଂ ଯାହା ହୋଇଛି ତାକୁ ବହୁଗୁଣିତ କରିବାକୁ ସମସ୍ତେ ସଂକଳ୍ପ ନେବା ଉଚିତ୍। ତେବେ ଆସନ୍ତୁ ସଂକଟ ଅଧିକ ଭୟଙ୍କର ରୂପ ଧାରଣ କରିବା ଆଗରୁ ତାକୁ ସମାଧାନ କରି ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସୁନ୍ଦର ପୃଥିବୀଟିଏ ଛାଡ଼ିଯିବା ଯାହା ଆମ ବାପା ଅଜା ଆମପାଇଁ ଛାଡ଼ି ଯାଇଛନ୍ତି। ଅନ୍ୟଥା ଆମେ ମଲା ପରେବି ପିଲାଛୁଆ ଆମକୁ ପିଣ୍ଡ ଦେବା ବଦଳରେ ଅଭିସମ୍ପାତ ବର୍ଷଣ କରି ଚାଲିଥିବେ।


*ପୁରୁଣାଗଡ଼, ଜଗତସିଂହପୁର*
*ମୋ.-୯୭୭୬୬୯୨୨୦୭*


# ଓଡ଼ିଶାରେ ନଦୀଜଳ ପ୍ରକଳ୍ପ ଓ ବକେୟା ଜଳକର



ଶେଖ ଫରିଦ୍‌ଉଦ୍ଦିନ

**ମ**ହାନଦୀର ଉପର ମୁଣ୍ଡରେ ପଡ଼ୋଶୀ ଛତିଶଗଡ଼ର ବନ୍ଧ ନିର୍ମାଣକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଯୁଦ୍ଧଂ ଦେହି ଡାକରା ଉଠୁଛି ପଡୁଛି। ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ଦୁଇଟି ରାଜ୍ୟର ସରକାର ଏହାକୁ ବଡ଼ ପ୍ରସଙ୍ଗ କରି ଭୋଟରଙ୍କ ପାଖକୁ ଯିବାକୁ ଉଦ୍ୟମ ଜାରି ରଖିଛନ୍ତି। ତେବେ ଛତିଶଗଡ଼ ବନ୍ଧ ବାନ୍ଧିବା ଫଳରେ ମହାନଦୀ ଶୁଖିଲା ପଡୁଛି, ଜଳ ବିଦ୍ୟୁତ ଉତ୍ପାଦନ କମୁଛି ଓ ଏହା ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀ ତଥା କୃଷକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି ସରକାର ବିଭିନ୍ନ ଫୋରମ୍‌ରେ ଯୁକ୍ତି ବାଢୁଛନ୍ତି। ବର୍ଷ ତମାମ ବିଭିନ୍ନ ବିପର୍ଯ୍ୟୟକୁ ନେଇ ଓଡ଼ିଶାର ଚାଷୀକୂଳ ହା ହୁତାଶ ଭିତରେ ଜୀବନ ନିର୍ବାହ କରୁଥିବା ସମୟରେ ଏହାକୁ ନେଇ ରାଜନୀତି ପରିସ୍ଥିତିକୁ ସରଗରମ କରୁଛି। ଓଡ଼ିଶାର ବଡ଼ ନଦୀ କୁହାଯାଉଥିବା ମହାନଦୀ, ବ୍ରାହ୍ମଣୀ ଓ କୋଳାବ ସମେତ ଓଡ଼ିଶାରେ ପ୍ରବାହିତ କେଉଁ ସବୁ ନଦୀର ଉପର ଓ ତଳ ମୁଣ୍ଡରେ କେଉଁ ପଡ଼ୋଶୀ ରାଜ୍ୟ କେଉଁଠି, କେତୋଟି କରି ବନ୍ଧ ବାନ୍ଧିଛନ୍ତି ଓ ଆଉ କେତୋଟି ନିର୍ମାଣ କରିବାକୁ ଯାଉଛନ୍ତି ଏବଂ ଏଥି ଯୋଗୁଁ ଓଡ଼ିଶାର କ'ଣ ଲାଭ କ୍ଷତି ହେଉଛି ସେ ସଂକ୍ରାନ୍ତରେ ଚଳିତ ବିଧାନ ସଭାରେ ବିଧାୟକ ଦିଲ୍ଲୀପ ରାୟ ଏକ ପ୍ରଶ୍ନ ଉଠାଇଥିଲେ। ଏତଦ୍‌ବ୍ୟତୀତ ରାଜ୍ୟରେ ପ୍ରବାହିତ କେଉଁ ନଦୀର କେଉଁଠାରେ ରାଜ୍ୟ ସରକାର କେତୋଟି ବ୍ୟାରେଜ ବା ବନ୍ଧ ନିର୍ମାଣ କରିଛନ୍ତି ଓ ଆଉ କେଉଁ ନଦୀ ଉପରେ ବନ୍ଧ ନିର୍ମାଣର ପ୍ରସ୍ତାବ ରହିଛି ବୋଲି ସେ ଜାଣିବାକୁ ଚାହିଁଥିଲେ କିନ୍ତୁ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମାନ୍ୟବର ଜଳ ସମ୍ପଦ ମନ୍ତ୍ରୀ ଉତ୍ତର ଫେରାଇଥିଲେ। ଏଠାରେ ସୂଚନା ଥାଉକି କୋଲାବ ନଦୀର ତଳ ମୁଣ୍ଡରେ ଆନ୍ଧ୍ରପ୍ରଦେଶର ସବୁଠାରୁ ବୃହତ୍ ଓ ଚର୍ଚ୍ଚିତ ପୋଲାଭରମ୍ ପ୍ରକଳ୍ପ ଚାଲିଥିବାବେଳେ ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ଓ ବ୍ରାହ୍ମଣୀର ଉପର ମୁଣ୍ଡରେ ପଡ଼ୋଶୀ ଝାଡ଼ଖଣ୍ଡ ଅନେକ ନଦୀ ବନ୍ଧ ପ୍ରକଳ୍ପ କରିବାକୁ ଯୋଗୁଁ ଓଡ଼ିଶାର ବିପୁଳ କ୍ଷତି ଘଟୁଥିବା ଅଭିଯୋଗ ଉଠୁଛି। ବିଜେପି ଶାସିତ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଅନେକ କଳକାରଖାନା, ଶିଳ୍ପାନୁଷ୍ଠାନ ଥିବାରୁ ସରକାର ବଡ଼ ରାଜସ୍ୱ ପାଇବା ପାଇଁ ବଡ଼ ବଡ଼ ଜଳ ପ୍ରକଳ୍ପ ତିଆରି କରୁଛନ୍ତି। ଏହି ନଦୀବନ୍ଧ ପ୍ରକଳ୍ପ ପାଇଁ ଅଦାଲତି ଲଢ଼େଇ ଚାଲିଛି ଓ ରାଜରାସ୍ତାରେ ଆନ୍ଦୋଳନ ବି ଜୋରଦାର ହେଉଛି। ମହାନଦୀର ହୀରାକୁଦ ଓ ଚିପିଲିମାରେ ଥିବା ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ୨୦୧୭-୧୮ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ୨୦୧୬-୧୭ ବର୍ଷରେ ହୀରାକୁଦ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ୫୦୬ ମିଲିୟନ ୟୁନିଟ ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଥିବାବେଳେ ୨୦୧୭-୧୮ରେ ତାହା ୫୮୪.୩ ମିଲିୟନ ୟୁନିଟ ହୋଇଥିଲା। ସେହିପରି ୨୦୧୬-୧୭ ବର୍ଷରେ ଚିପିଲିମାରେ ୧୯୭ ନିୟୁତ ୟୁନିଟ ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଥିବାବେଳେ ଗତ ବର୍ଷ ତାହା ୨୧୪.୫୧ ନିୟୁତ ୟୁନିଟକୁ ବୃଦ୍ଧି ପାଇଥିଲା। ପଡ଼ୋଶୀ ରାଜ୍ୟଙ୍କ ନଦୀବନ୍ଧ ନିର୍ମାଣ ଯୋଗୁଁ ଓଡ଼ିଶାର ଲାଭ ବାଧାପ୍ରାପ୍ତ ହେଉଛି। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଏ ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରି ପଦକ୍ଷେପ ନେଉଛନ୍ତି।

ଏହି କ୍ରମରେ ଅନ୍ୟ ଏକ ଦିଗ ଉପରେ ଆମେ ଆଲୋକପାତ କରୁଛୁ। ରାଜ୍ୟ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଅନୁଯାୟୀ ଗତ ଜୁଲାଇ ଶେଷ ସୁଦ୍ଧା ରାଜ୍ୟର ଶିଳ୍ପ ସଂସ୍ଥାନ ଗୁଡ଼ିକ ଉପରେ ୨୬୫୮ କୋଟି ଟଙ୍କାରୁ ଅଧିକ ଟଙ୍କାର ଜଳ କର ବାକି ପଡ଼ିଛି। ଶିଳ୍ପାନୁଷ୍ଠାନ ମାନଙ୍କ ଠାରୁ ବକେୟ ଜଳକର ଆଦାୟ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅନାଦେୟ କର ବାବଦ ପ୍ରାପ୍ୟ ଉପରେ ମାସକୁ ଶତକଡ଼ା ୨ ହାରରେ ଚକ୍ରବୃଦ୍ଧି ସୁଧ ଲାଗୁକରାଯାଉଛି। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ କମିଟିମାନ ଗଢ଼ାଯାଇ ଜଳକର ଆଦାୟ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଯାହାଦ୍ୱାରା ଗତ ୨ବର୍ଷରେ ମହାନଦୀ କୋଲଫିଲ୍ଡ ଠାରୁ ୧୪୭ କୋଟି ଓ ଗତ ବର୍ଷ ନାଲ୍‌କୋ ଠାରୁ ୫୮ କୋଟି ଟଙ୍କାର ବାକି ଆଦାୟ କରାଯାଇଛି। ଅଦାଲତଙ୍କ ହସ୍ତକ୍ଷେପ ଯୋଗୁଁ ୧୮୩୩ କୋଟି ୩୫ ଲକ୍ଷ ଟଙ୍କାର ଜଳକର ଆଦାୟ ହୋଇପାରୁନାହିଁ। ତେବେ ମାମଲା ରୁଜୁ କରିଥିବା ଶିଳ୍ପ ସଂସ୍ଥା ମାନଙ୍କ ଠାରୁ ବକେୟା ଜଳକରର ଅଧା ଆଦାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ବିଭିନ୍ନ ମାମଲା ରୁଜୁ କରାଯାଇଛି। ରାଜ୍ୟ ସରକାରଙ୍କ ଇଡ୍‌କୋ ଠାରୁ ନୀଳାଚଳ ଇସ୍ପାତ ନିଗମ, ଓଡ଼ିଶା ଖଣି ନିଗମ, ପାରାଦ୍ୱୀପ ବନ୍ଦର, ପାରାଦ୍ୱୀପ ଫସ୍‌ଫେଟ, ମହାନଦୀ କୋଲଫିଲ୍ଡ, ନାଲ୍‌କୋ, ବେଦାନ୍ତ, ଆଦିତ୍ୟ ଆଲୁମିନିୟମ, କୋଣାର୍କ ଝୋଟକଳ, ଫାକର, ବଲାରପୁର ଇଣ୍ଡଷ୍ଟ୍ରିଜ୍, ଆରତୀ ଷ୍ଟିଲ୍, ମାହେଶ୍ୱରୀ ଇସ୍ପାତ, ଭୂଷଣ, ବନହରପାଲିର ତାପଜ ବିଦ୍ୟୁତ୍, ଇଡ୍‌କୋ, ଆଧୁନିକ ମେଟାଲିକ୍ସ, ଏନ୍‌ଟିପିସି, ଜିନ୍ଦଲ ଓ ଓଡ଼ିଶା ସିମେଣ୍ଟ ଲିମିଟେଡ ଆଦି ୩୪୬ଟି ସଂସ୍ଥା ଉପରେ ମୋଟା ଅଙ୍କର ଜଳକର ବାକି ପଡ଼ିଛି। ତେବେ ଟାଟାଷ୍ଟିଲ, ଟାଟାରିଫ୍ରାକ୍ଟୋରିଜ୍, ସେଲ୍, ଜିନ୍ଦଲ, ଭୂଷଣ, ବେଦାନ୍ତ, ଆସିକା ଚିନିକଳ ଆଦି ବହୁ ସଂସ୍ଥା ଜଳକର ବିରୋଧରେ ସରକାରଙ୍କ କାଠଗଡ଼ାରେ ଛିଡ଼ା କରାଯାଇଛନ୍ତି। ରାଜ୍ୟର ଶିଳ୍ପାନୁଷ୍ଠାନରେ ସଂଗ୍ରହ ଜଳକର ରାଜ୍ୟ ରାଜକୋଷର ବଡ଼ ଭାଗ ପୂରଣ କରିଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଶିଳ୍ପାନୁଷ୍ଠାନର ସୁରକ୍ଷା, ପରିଚାଳନା ଓ ଆନୁସଙ୍ଗିକ କ୍ଷେତ୍ରରେ ଏହି ରାଶି ମଧ୍ୟ ଖର୍ଚ୍ଚ କରାଯାଇଥାଏ। ରାଜ୍ୟର ବିକାଶରେ ସଂଗୃହୀତ ଜଳକରର ଅର୍ଥ କାର୍ଯ୍ୟକାରୀ ହୋଇଥାଏ। ତେବେ ଆଇନ ଅଦାଲତ ମାମଲାରୁ ଦୂରେଇ ରାଜ୍ୟର ବିକାଶରେ ଶିଳ୍ପାନୁଷ୍ଠାନମାନେ ଆଗେଇ ଆସିଲେ ରାଜ୍ୟର ବୃହତ୍ ବିକାଶରେ ସେମାନଙ୍କ ଅବଦାନ ଉଲ୍ଲେଖନୀୟ ହୋଇରହିବ। ରାଜନୀତି, ମତବାଦ, ରାଜ୍ୟ କେନ୍ଦ୍ର ବା ଦଳୀୟ ସ୍ୱାର୍ଥର ଉର୍ଦ୍ଧ୍ୱରେ ରହି ରାଜ୍ୟର ବିକାଶକୁ ଅଗ୍ରାଧିକାର ଓ ପ୍ରାଥମିକତା ଦେଲେ ଏକ ଶିଳ୍ପ ସମୃଦ୍ଧ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଓଡ଼ିଶା ଅନେକ ଆଗେଇ ପାରନ୍ତା।


*ମଧୁପୁର, କୁଆଁପାଳ, କଟକ*
*ମୋ : ୯୪୩୭୦୦୪୮୮୮*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୭

***"ଗୁପତ ମୋହର ଅଛି ଏକ ପୁର ରଖିବି ଚାଲ ସେଠାରେ।***
***ସୂର୍ଯ୍ୟ ଚନ୍ଦ୍ର ଭିନ୍ନ ନ ଜାଣନ୍ତି କେହି ଏହି ଜଗତ ମଧ୍ୟରେ ॥"***

ବନଚାରୀଙ୍କ ମୁଖରୁ ଗୁରୁ ନିନ୍ଦା ବାକ୍ୟ ଶ୍ରବଣ କରି ଗୋବିନ୍ଦଙ୍କ ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ହେଲା ନାହିଁ। ମନରୁ କଳୁଷତା ଦୂର କରିବା ନିମନ୍ତେ ସେ ଗୁରୁଙ୍କ ପୟର ଧାୟୀ ଆମ୍ରବଣରେ ତପ ଆଚରଣରେ ବ୍ରତୀ ରହିଲେ। ବନଚାରୀଙ୍କ ହସ୍ତରୁ ଦିନକୁ ଥରେ ମାତ୍ର ଭିକ୍ଷା ଗ୍ରହଣ କରି ଭୁଞ୍ଜୁଥିଲେ। ଏହିପରି ଦିନ ପରେ ଦିନ ଗଡ଼ି ଚାଲିଲା। ବନଚାରୀ ଭିନ୍ନ ଭିନ୍ନ ଢଙ୍ଗରେ ମନମୋହିନୀ ବେଶ ଧରି ଗୋବିନ୍ଦଙ୍କ ଚିତ୍ତ ଆକର୍ଷଣ କରୁଥିଲେ। ରାତ୍ରରେ ଶୟନକକ୍ଷକୁ ଡକାଇ ନାନା ପ୍ରକାର ସଂସାରିକ ବନ୍ଧନର କଥା କହିଲେ। ପୁଙ୍ଗୁଳାଦେହରେ ପଲଙ୍କରେ ଶୋଇ ପଦ ମଞ୍ଜାଳିବାକୁ ନିର୍ଦ୍ଦେଶ ଦେଲେ। ଗୋବିନ୍ଦ ମୁଖ ତଳକୁ କରି ପାଦ ମଞ୍ଜାଳୁଥିବା କାଳରେ ମାନସିକ ପରିବର୍ତ୍ତନ ପାଇଁ ଟୀକାଟିପଣି ଭାଷ୍ୟରେ କହିଲେ,ହେ'ରାଜକୁମାର, ତୁମେ ଯୁବକ। ମୁଁ ତୁମ ସମବୟସୀ ସୁନ୍ଦରୀ ଯୁବତୀ। ଉଭୟଙ୍କ ଭେଣ୍ଡିଆ ବୟସରେ ମାତାପୁତ୍ରର ସମ୍ପର୍କର କଥା କହି ଏଡ଼ାଇ ଯିବା ହାସ୍ୟାସ୍ପଦ ନୁହେଁ ତ ଆଉ କ'ଣ? ପୁତ୍ର ଜନ୍ମ ବେଳକୁ ମାତାର ବୟସ କେତେ ହୋଇଥିବ ତୁମେ ଜାଣିଛ? ସେଇ ପୁତ୍ର ତୁମରି ବୟସରେ ପହଞ୍ଚିବା ବେଳକୁ ମାତାର ବୟସ କେତେ ହୋଇଥିବ କହିଲ? ତୁମର ନଂପୁସକ ଭାବରୁ ଏପରି କଥା ଆସୁଛି। କଥିତ ଅଛି ଜନକ ସନକ ଆଦି ମହର୍ଷିଗଣ ନାରୀର ସୌନ୍ଦର୍ଯ୍ୟ ଆଗରେ ଟଳି ପଡ଼ିଛନ୍ତି! ତୁମେ ସେ ଆମ୍ବବୃକ୍ଷ ବଣରେ ବସି କି ଯୋଗୀ ବୋଲାଉଛ କହିଲ? ମୋ ଭଳି ଅତିସୁନ୍ଦରୀ ପତ୍ନୀ ପାଇ ଏକାନ୍ତ ରମଣ କଥା ଭୁଲି ଯାଉଛ କିପରି? ଯୋଗୀରାଜ ମହାଦେବ ପାର୍ବତୀଙ୍କୁ ଧରି ବୁଲୁଛନ୍ତି। ପରିବାର ଗଠନ କରି ବିଷ୍ଣୁଙ୍କ କର୍ମରେ ବ୍ରତୀ ରହିଛନ୍ତି! ତୁମେ କ'ଣ ତାଙ୍କ ଠାରୁ ବି ବଳେଇ ଗଲଣି! ତୁମେ ବାଳ ବ୍ରହ୍ମଚାରୀ ନୁହଁ। ଅନେଶତ ଯୁବତୀଙ୍କୁ ବିବାହ କରି ସେମାନଙ୍କର ସତୀତ୍ୱ ନଷ୍ଟ କରିବା ପରେ ଏବେ କହୁଛ କ'ଣ ନା ଯୁବରାଜ ନୁହେଁ, ଯୋଗୀ ଗୋବିନ୍ଦ! ଯୋଗ ସାଧନା ନାମରେ ମିଥ୍ୟା, ଛଳନା ବ୍ରହ୍ମଚାରୀର ଅଂହକାର ଦେଖାଉଛ। ଅମରତ୍ୱ ପଛରେ ଧାଇଁ ଶେଷରେ ପ୍ରାଣ ନାଶ ଯିବ! ପ୍ରାଣ ଚାଲିଗଲା ପରେ ନାରୀର ଏପରି ସୌନ୍ଦର୍ଯ୍ୟ ପାଖୁଡ଼ାକୁ ଆଉ ଉପଭୋଗ କରି ପାରିବ ତ? ପଶ୍ଚାତାପ କର ରାଜକୁମାର,ଯୋଗୀର ଜୀବନରେ ବା କି ସୁଖ ଶାନ୍ତି ଅଛି ଟିକିଏ ଭାବ!

ବନଚାରୀ ସହସା ଉଠି ବସିଲେ। ଦେହରେ ଦେହ ଘଷି ଗୋବିନ୍ଦଙ୍କୁ କୁଣ୍ଡାଇ ପକାଇଲେ। କହିଲେ, ସତରେ ଗୋବିନ୍ଦ ସେ ପୋଡ଼ାମୁହାଁ ବୋଲରେ ପଡ଼ି ତୁମକୁ ଗୋଡ଼ ଘଷାଉଛି ସିନା ତୁମେ ମୋ ହୃଦୟର ପତିଦେବତା! କିଛି ଭୟ କର ନାହିଁ। ସେ ବୁଢ଼ାଟା ପାଳରୁ ତୁମକୁ ବହୁଦୂରକୁ ନେଇ ଚାଲିଯିବି। ଏ ଜଗତରେ ମୋର ଏପରି ଏକ ଗୁପ୍ତପୁର ଅଛି ଯେଉଁ ପୁରକୁ ସୂର୍ଯ୍ୟଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ! ମୁଁ ତୁମକୁ ସେଇ ଆନନ୍ଦପୁରରେ ନେଇ ରଖାଇବି। କେହି ଦେଖି ପାରିବେ ନାହିଁ,ଜାଣି ପାରିବେ ନାହିଁ। ତୁମେ ଗୁରୁ ଭୟ ତ୍ୟାଗ କରି ସ୍ୱାଧୀନ ହୁଅ! ତୁମ ପ୍ରେମରେ ତନ୍ମୟ ହୋଇ ଭାବବେହ୍ୱଳ ହୋଇ ପଡ଼ିଛି। ତୁମେ ମୋର ବକ୍ଷୋଜରେ ଚାପ ଦେଇ ପ୍ରଥମେ ଚୁମ୍ବନ ଦିଅ! ମୁଁ ବସ୍ତ୍ରହୀନ ହୋଇ ଚିତ୍ ମାର୍ଗରେ କୋମଳ ପଲଙ୍କରେ ଶୋଇ ରହିବି। ତାପରେ ତୁମେ ଜାଣି ଯିବ ବ୍ୟାପାରଟା କ'ଣ! କେତେ ସମୟ ପରେ ବନଚାରୀ କହିଲେ,ରାଜକୁମାର, ତୁମ ନିରବତା ମୋତେ ବହୁତ ଦୁଃଖ ଦେଉଛି! ତୁମେ ଋଷିକର୍ମ କରୁଥିବାରୁ ମୋର ସତୀତ୍ୱ ପ୍ରତି ସନ୍ଦେହ ହେଉଥିବ ନିଶ୍ଚୟ। ଅସତୀ କନ୍ୟାକୁ ଋଷିମାନେ ବିବାହ କରନ୍ତି ନାହିଁ। ତୁମେ ମୋତେ ବେଶ୍ୟା ଭାବରେ ଗଣନା କରୁଛ! ତୁମେ ଜାଣି ନାହଁ ମୁଁ ପରମ ସତୀ ବନଚାରୀ। କୋଉ ପୁରୁଷକୁ ଦେହଦାନ କରିବା ତ ଦୂରର କଥା ମୋର ଛାଇ ଦେଖିବାକୁ କେହି ଯୋଗ୍ୟ ନୁହଁନ୍ତି। ଯଦି କହିବ ତେବେ ତୁମ ସମ୍ମୁଖରେ ଅଗ୍ନିପରୀକ୍ଷା ଦେବା ପାଇଁ ମୁଁ ପ୍ରସ୍ତୁତ! କାଲି ପ୍ରଭାତରେ ଆମ୍ରବଣ ସନ୍ନିକଟ ମଶାଣିରେ ତୁମେ ମୋର ସତୀତ୍ୱ ପରୀକ୍ଷା କରାଇ ନିଅ! ତୁମ ଛଡ଼ା ଆଉ କୋଉ ପୁରୁଷକୁ ଭଲ ପାଏ ନାହିଁ କହି ଧର୍ମକୁ ସାକ୍ଷୀ ରଖିବି। ତହିଁପରେ ଅଗ୍ନିରେ ଝାସ ଦେବି। ଯେମିତି ଅଗ୍ନିରେ ପଶିଥିବି ସେଇମିତି ଶୁଦ୍ଧ ସୁବର୍ଣ୍ଣ ହୋଇ ବାହାରିବି,ତୁମେ ସ୍ୱଚକ୍ଷୁରେ ଦେଖିବ।

ବନଚାରୀଙ୍କ ମୁଖରୁ ଏପରି ଦୁଃଖ ବଚନ ଶ୍ରବଣ କରି ଗୋବିନ୍ଦ କରଯୋଡ଼ି କହିଲେ- ହେ'ମାତା,ତୁମେ କେଉଁଠି ଅଛ ମୁଁ ଦେଖି ପାରୁ ନାହିଁ,ଜାଣି ପାରୁ ନାହିଁ। ଅନ୍ନଦାତ୍ରୀ ତୁମେ,ତୁମ ଚରଣରେ ମୋର ନମସ୍କାର। ପ୍ରାରବ୍ଧ କର୍ମ ଦୋଷରୁ ରାଜା ହେବାକୁ ଯୋଗ୍ୟ ହେଲି ନାହିଁ। ଗର୍ଭଧାରୀ ମାତାଙ୍କ ନର୍ଦ୍ଦେଶକ୍ରମେ କେବଳ ଗୁରୁଙ୍କ ଆଜ୍ଞା ପାଳନ କରୁଛି। ଦୀନହୀନ ବେଶରେ ଯୋଗୀର ଲାଉ ତୁମ୍ବ ଧରି ଦ୍ୱାର ଦ୍ୱାର ବୁଲୁଛି। ଯୋଗଶାସ୍ତ୍ରର ବିଧାନ ଅନୁସାରେ ଯୋଗୀ ସବୁ ନାରୀଙ୍କୁ ମାତା ରୂପରେ ପୂଜା କରିବା ଉଚିତ। ତୁମ ପୟର ବିନୁ ମୋର ଚକ୍ଷୁ ଅନ୍ୟ କିଛି ଲୋଡୁ ନାହିଁ। ମୋତେ ତ୍ରାହି କର ମାତା। ଗୋବିନ୍ଦଙ୍କ ମନକଥା ଜାଣିବା ପରେ ବନଚାରୀ ଆନନ୍ଦିତ ହେଲେ। ମାତ୍ର ହାଡ଼ିପାଙ୍କୁ ଦେଇଥିବା ବଚନ ତତ୍‌ସହିତ ନିଜର ଶାପମୁକ୍ତି ଘଟଣାକ୍ରମ ସ୍ମରଣ କରି କଠୋର ଭାଷାରେ କହିଲେ, ରାଜକୁମାର, ମୋତେ ଆଉ ମାତୃତତ୍ତ୍ୱ ଶୁଣାଅ ନାହିଁ। ପ୍ରତ୍ୟେକ ପୁରୁଷଙ୍କର ମାତା ଜଣେ। ମାତ୍ର ପତ୍ନୀ ଅନେକ ହୋଇ ପାରନ୍ତି। ରାଜର୍ଷିମାନେ ମଧ୍ୟ ଗଣ୍ଡା ଗଣ୍ଡା ଭାର୍ଯ୍ୟା ଉପଭୋଗ କରିଛନ୍ତି। ତୁମେ ତୁଚ୍ଛାକୁ ଅତି ବଳୀୟାର ଦେଖାଉଛ। ତୁମର ମାତା ରାଣୀ ମୁକ୍ତାଦେଈ। ତୁମେ ତାଙ୍କୁ ମାତା ସମ୍ବୋଧନ କରିବା ବିଧେୟ। ମାତ୍ର ମୋତେ ତୁମେ ମାତା କହିବାର ଅଧିକାର ନାହିଁ। ତୁମ ଛଳନାର ଉପହାସକୁ ମୁଁ ଠିକ୍ ଭାବରେ ବୁଝି ପାରୁଛି। ଯଦି ତୁମେ ମୋ ପ୍ରସ୍ତାବରେ ରାଜି ନୁହଁ,ତେବେ ଏଇ ଶୟନକକ୍ଷ ତ୍ୟାଗ କରି ଚାଲିଯାଅ! ହରି ଓଁ ତତସତ୍!


*ଦୂରଭାଷ-୯୬୬୮୬୩୧୨୫୭*



## ପିଲାଙ୍କ ଦୁନିଆ






**ଅଦିତି ଦାସ**
ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ - ୨
ସତ୍ୟଭାମାପୁର, ଭୁବନେଶ୍ୱର

---



**ସାଇମୋନ୍ ପ୍ରଧାନ**
ଷ୍ଟାଣ୍ଡାର୍ଡ-୮
କେମ୍ବ୍ରିଜ୍ ଇଣ୍ଟରନ୍ୟାସନାଲ ସ୍କୁଲ
ଦୁବାଇ



## ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ

**ଅକ୍ଷୟ କୁମାର ରାଉତ**



**କେ**ତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ,ମାନୀ,ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶଓ୍ୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶଓ୍ୱାଙ୍କ ଦେଓ୍ୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଲୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍‌ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀ ର ଦେହାନ୍ତ ପରେ। ଭିମସେନ ଙ୍କ ମଧ୍ୟସ୍ଥାରେ ଗଙ୍ଗାଧର ମନୁବାଈଙ୍କୁ ବିବାହ କରିଥିଲେ। ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ। ଇଂରେଜ ଜାତିର ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ। ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ। ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍‌ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ ,ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀ ଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ। ପାରୀନାନୀ ସୁନ୍ଦର ମଣୀଙ୍କୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍‌ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀ ଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ।

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ ,ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ , ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍‌ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ ,ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ତୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା , ତାହା ଉପରେ ଗୋରୁ ଓ ଘୁଷୁରି ର ଚର୍ବି ବୋଳା ଯାଇଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ।

ଝାନ୍‌ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍‌ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍‌ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍‌ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍‌ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍‌ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍‌ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ , ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀ ର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଈ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋଓ୍ୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍‌ସୀ ରାଣୀ ଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୁଳରେ ପ୍ରାଣହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ। ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍ ରେ ବନ୍ଦି କରି ରଖିଲେ। କାଲାକା ଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହା ରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ –

"ନଈରେ ବାଳିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା"।

ମଣିଷ ମାରିବା ଅପରାଧରେ ପୁରୀ ରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ।

ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା।

ଚାଖି ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ –

"ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ
ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
ଗଣ୍ଡାକର ଦିଶୁ ନାହିଁ ମହିମା ହେ"।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହା ହା କାର କରୁଥିଲା। ସେ ନିରାସ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ – "ଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ
ଡାକ ବିନୁ ଗତି ଅନ୍ୟଥା ନୋହି"।

୧୮୮୮ ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୁତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।

*ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ- ୯୯୩୭୬୯୧୪୭୫*

---

## ସ୍ରୋତ

**ଡକ୍ଟର ସ୍ମୃତି ପଟ୍ଟନାୟକ**



ଚିକ୍କଣ କଳା ରଙ୍ଗ, କୁନ୍ଦିଲା କାନ୍ଦିଲା ଚେହେରା, ବଡ଼ ବଡ଼ ଆଖି, ମୁଣ୍ଡରେ ଗୋଛାଏ ବାଳ, ଚେକାଳିଆ ମୁହଁ, ଛଅପୁଟ ଉଚ୍ଚତାର ଶକ୍ତି ମଣିଷଟିଏ, ହାଫ୍ ସାର୍ଟ ଓ ଟ୍ରାଉଜର ସବୁବେଳେ ପିନ୍ଧିଥାଏ, ଷ୍ଟେସନ ପାଖରେ ନୂଆଣିଆ ଚାଳଘରେ ସତୁରୀ ବର୍ଷର ବୁଢ଼ୀ ମା' ସାଙ୍ଗରେ ରୁହେ, ରାମନବମୀ ଦିନ ଜନ୍ମ ହୋଇଥିଲା ବୋଲି ବୁଢ଼ୀ ମା ତାକୁ ଶ୍ରଦ୍ଧାରେ ରାମୁ ଡାକେ, ଜନ୍ମରୁ ବାପା ମା' ଛେଉଣ୍ଡ ସେ, ବୁଢ଼ୀ ମା'ର ସ୍ନେହ ଶ୍ରଦ୍ଧା ପାଇ ସେ ବଡ଼ ହୋଇଥିଲା। ସହରରେ ଅଟୋ ରିକ୍‌ସା ଚଲାଏ, ବୁଢ଼ୀ ମା ତା'ର ସକାଳ ନଅଟା ବେଳକୁ ଭାତ ଗଣ୍ଡାଏ ଫୁଟେଇ ଦିଏ; ତା ସାଙ୍ଗକୁ କେଉଁଦିନ ଶାଗଭଜା କିମ୍ବା ତରକାରିଟିଏ କରିଦିଏ, ରାମୁ ଖାଇଦେଇ ବାହାରିଯାଏ। ଫେରିଲା ବେଳକୁ ରାତି ଦଶ କିମ୍ବା ଏଗାର ହୁଏ। ସାଙ୍ଗରେ ଚାଉଳ, ପନିପରିବା ଧରି ଆସେ। ବୁଢ଼ୀ ମା ହାତକୁ ତା ରୋଜଗାର ଟଙ୍କାକୁ ଧରାଇ ଦେଇ କ'ଣ ଦିଟା ଖାଇଦେଇ ଶୋଇଯାଏ। ବୁଢ଼ୀ ମା'ର ମନରେ ଇଚ୍ଛା ଟିକକ ଉଙ୍କି ମାରୁଥାଏ। ରାମୁର ବୟସ ଆସି ଛବିଶ ଛୁଇଁଲାଣି, ସେ ହାତରୁ ଦି ହାଦ ହେବ, ନାତୁଣୀ ବୋହୂ ଘରକୁ ଆସିବ, ହେଲେ ରାମୁର ଏସବୁ ନିଘା ନଥାଏ। ତା'ର ଅଟୋ ରିକ୍‌ସା ଭଲ ତ ସେ ଭଲ। ଏମିତି ସମୟ ଗଡ଼ି ଚାଲିଥିଲା; ଦିନେ ବୁଢ଼ୀ ମା'କୁ ରାହାଟିଏ ମିଳିଗଲା, ସେ ରାମୁ ଆଗରେ ତା ମନର କଥା କହିଲା, ପଡ଼ିଶା ଘରର ଝିଅ ମାନି ଭାରି ଭଲ ଝିଅଟିଏ। ଶାନ୍ତ ସୁଧାର ସ୍ୱଭାବର, ଯଦି ରାମୁ ରାଜି ହୁଏ, ତେବେ ତାଙ୍କ ଘରେ ସେ ପ୍ରସ୍ତାବ ଦେବ। ରାମୁ ସରଳ ହସଟିଏ ହସି ଦେଲା। ବୁଢ଼ୀ ମା'କୁ ସରଗର ଚାନ୍ଦ ମିଳିଗଲା, ସବୁ କାମ ଖୁବ୍ ସୁରୁଖୁରୁରେ ହୋଇଗଲା। ବୁଢ଼ୀ ମା, ରାମୁ ଓ ମାନିକୁ ନେଇ ସଂସାର ହସି ଉଠିଲା। ତାପରେ ସମୟ ସମାନ୍ତର ଭାବେ ଗତି କରି ନଥିଲା, ବୁଢ଼ୀ ମା କୁ ଥରେ ଭୀଷଣ ଜ୍ୱର ହେଲା, ତା'ର ଦାନ୍ତ ପାଟି ପଡିଗଲା, ସିଏ ସେଇଥିରେ ଚାଲିଗଲା ଆରପାରିକୁ। ରାମୁକୁ ପୃଥିବୀଟା ଅନ୍ଧାର ଅନ୍ଧାର ଦିଶିଲା; ମାନି ତାକୁ ବୁଝାଇଲା ଧୈର୍ଯ୍ୟ ଧରିବା ପାଇଁ ପରାମର୍ଶ ଦେଲା, ମାନି ମୁହଁକୁ ଚାହିଁ ରାମୁ ବୁଢ଼ୀମା'ର ଅନୁପସ୍ଥିତିକୁ ଭୁଲିବାକୁ ଚେଷ୍ଟା କରୁଥିଲା। ବୁଢ଼ୀ ମା ମରିବାର ଅଳ୍ପ କେଇଦିନ ବ୍ୟବଧାନରେ ଆଉ ଏକ ଦୁଃଖଦ ଘଟଣାକୁ ରାମୁ ସାମ୍ନା କଲା, ବୈଶାଖି ମେଳା ଦେଖି ଫେରିଲା ବେଳକୁ ମାନି ଏକ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁବରଣ କଲା, ରାମୁ ପାଇଁ ପୃଥିବୀଟା ପୁରାପୁରି ବଦଳି ଯାଇଥିଲା। ସେ ଖିନ୍‌ଭିନ୍ ହେଇଯାଇଥିଲା ଭିତରେ ଭିତରେ, ତା ସାମ୍ନାରେ ମାନି ଓ ବୁଢ଼ୀମା'ର ମୁହଁ ବାରମ୍ବାର ଭାସି ଉଠୁଥିଲା। ସେ ପୁରାପୁରୀ ନୀରବ ହୋଇ ଯାଇଥିଲା, ସେଇ ନୂଆଣିଆ ଚାଳଘରେ ସୃଷ୍ଟି କରିଥିଲା ତା'ର ଏକ ନିଜସ୍ୱ ପୃଥିବୀ। ଏତେବେଶୀ ଘର ବାହାରକୁ ଆସୁନଥିଲା। ତା'ର ବ୍ୟାକୁଳତା, ରାମୁର ମନ ପ୍ରଶାନ୍ତିରେ ଭରି ଯାଉଥଲା। ଦୁନିଆଟା ତାକୁ ଭାରି ସୁନ୍ଦର ଲାଗୁଥିଲା। ଦଲକାଏ ପବନ ଭାସି ଆସୁଥିଲା ଗଛ ବୃକ୍ଷରୁ; ମେଞ୍ଚା ମେଞ୍ଚା ତରଙ୍ଗ ତା ହୃଦୟ ତନ୍ତ୍ରୀରେ ଗାର କାଟୁଥିଲେ; ସେ ଉଲ୍ଲସିତ ହେଇ ପଡୁଥିଲା ଏକ ଭାବୋଚ୍ଛ୍ୱାସରେ। କୁନି ଝିଅଟିକୁ ତା'ର ପରିଚୟ ପଚାରିଲା। ଝିଅଟିର ଖଣ୍ଡି ଖଣ୍ଡି ଉତ୍ତରରେ କିଛି କ୍ଷଣ ପାଇଁ ସ୍ତବ୍ଧ ହୋଇଯାଇଥିଲା ରାମୁ; ଏତେ ବଡ଼ ଦୁନିଆରେ ଝିଅଟିର ନିଜର ବୋଲି କେହି ନାହାନ୍ତି; ବାପା ମା ଦୁହେଁ ତାକୁ ଏକୁଟିଆ କରି ଏ ସଂସାର ଛାଡ଼ି ଚାଲି ଯାଇଛନ୍ତି। ରାମୁର ହୃଦୟ ତଳିଗଲା ଝିଅକୁ ଦେଖି ରାମୁର ମୁଖମଣ୍ଡଳରେ ଉଜ୍ୱଳ ଆଭା ଫୁଟି ଉଠୁଥିଲା; ମିଳିଗଲା ତାକୁ ବଂଚିବାର ରାହା। ସତରେ ଫୁଲ ଭଳି କୋମଳ ନିଷ୍ପାପ ଝିଅଟିର ଜୀବନକୁ ସେ ଏମିତି ମଉଳି ଯିବାକୁ ଦେବନି। ସେ ଏଇ ଦୁନିଆରେ ନିଶ୍ଚୟ ମଣିଷ ପରି ଜୀଇଁବ ଖାସ୍ କରି ଏଇ କୁନି ଝିଅଟିର ଭବିଷ୍ୟତ ପାଇଁ, ଏକ ଆପଣାପଣ ତା'ର ସାରା ସତ୍ତାକୁ ଗ୍ରାସି ଯାଉଥିଲା; କିଛି ସ୍ୱପ୍ନ କି ସମ୍ଭାବନା ମଧ୍ୟ ନଥିଲା। ଖାଁ, ଖାଁ ଏକାକୀପଣ ତାକୁ ଘେରି ରହିଥିଲା ଗଭୀର ଅନ୍ତର୍ଦାହ ଭିତରେ ଜୀବନ କାଟୁଥିଲା ସେ। ଯୁଆଡ଼େ ଚାହୁଁଥିଲା ଖାଲି ଅନ୍ଧାର ଆଉ ଅନ୍ଧାର; କିନ୍ତୁ ହଠାତ୍ ଜୀବନର ମୋଡ଼ ବଦଳିଗଲା ତା'ର; ଡହ ଡହ ଖରାବେଳେ ପାଂଚ ବର୍ଷର ଛୋଟ ଝିଅଟିଏ, ଦେହରେ ଛିଣ୍ଡା ଫ୍ରକ୍, ମୁହଁରେ କାରୁଣ୍ୟତାର ଛାପ, ରହି ରହି ଖୁବ୍ କ୍ଷୀଣ ସ୍ୱରରେ ରାମୁ ଘରର କବାଟ ପାଖରେ ଛିଡ଼ାହୋଇ, କହୁଥିଲା, ବାବୁ ଖାଇବାକୁ ଭାତ ଦେବ; ରାମୁର ହୃଦୟ ଭିତରେ ତା'ର ସ୍ୱର ପ୍ରତିଧ୍ୱନୀତ ହେଉଥିଲା ବାରମ୍ବାର, ରାମୁର ମନରେ ଭାବାନ୍ତର ସୃଷ୍ଟି ହେଲା, ସେ ତା ପାଇଁ ରଖିଥିବା ଖାଦ୍ୟକୁ ପରଶିଦେଲା, ଥାଳିରେ ଭାତ, ତରକାରୀ, ଭଜା, ନେଇ ଝିଅଟିର ଆଗରେ ରଖିଦେଲା; ଖାଇବା ପାଇଁ କହିଲା। କୁନି ଝିଅଟି ଆଣ୍ଠୁମାଡ଼ି ତଳେ ବସିପଡ଼ି ଖାଇବାକୁ ଲାଗିଲା; ପୁରା ଖାଦ୍ୟ ଖାଇ ସାରିଲା ପରେ ଝିଅଟିର ମୁହଁରେ ଆତ୍ମତୃପ୍ତିର ଭାଷା ଫୁଟି ଉଠୁଥିଲା, ତା ଛୋଟ ଛୋଟ ଗୋଲ୍ ଗୋଲ୍ ଦୁଇଟି ଆଖିରେ ଜୀବନକୁ ବଂଚିବା ଲାଗି ବୁଢ଼ୀ ମା' ଓ ମାନିର ଅନୁପସ୍ଥିତିରେ ନିଜକୁ ତିଳ ତିଳ କରି ନିଃଶେଷ କରିଦେବାକୁ ବସିଥିଲା ରାମୁ; କିନ୍ତୁ ରାମୁ ଆଗରେ ବର୍ତ୍ତମାନ ଏକ ଲମ୍ବା ରାସ୍ତା; ଏଇ କୁନି ଝିଅର ଭବିଷ୍ୟତ। ସେ ଏମିତି ଅବହେଳିତ ଅବସ୍ଥାରେ ଛାଡ଼ି ଦେବନି ତାକୁ ଏଇ ସମାଜରେ, ତା ଆଖି ସାମ୍ନାରେ ନାଚି ଉଠୁଥିଲା ଝିଅଟିର ଭାଗ୍ୟ, ନିତ୍ୟନୂତନ ଆଶାବରୀର ଝଲକ, ତା' ମୁଣ୍ଡକୁ ଆଉଁସି ଦେଲା ରାମୁ; ନିଜ ଛାତିରେ ଜଡ଼ାଇ ଧରିଲା ଏକ ଗଭୀର ଆବେଗରେ; ଆମ୍ବ ବଗିଚାର ଭାସି ଆସୁଥିଲା ପାଚିଲା ଆମ୍ବର ବାସ୍ନା। ଗଛପତ୍ରରୁ ହାବୁକା ହାବୁକା ଚଇତାଳି ପବନ ଘର ଭିତରୁ ପଶି ଆସୁଥିଲା, ରାମୁର ଦେହରେ ମନରେ ଏବେ ଶତସିଂହର ବଳ, କିମିଆ ଲାଗିବା ପରି ଏକ ନିବିଡ଼ ଅନ୍ତରଙ୍ଗ ଅନୁଭବର ଜୁଆର; ହଁ ସେ ନିଶ୍ଚୟ ପୁଣି ଥରେ ଜୀଇଁବ ଦୁନିଆକୁ ସାମ୍ନା କରିବ ଏଇ କୁନି ଝିଅଟି ପାଇଁ....।



*ଅଧ୍ୟାପିକା, ୟୁ.ଏନ୍.(ଅଟୋ) କଲେଜ୍*
*ଅଡଶପୁର, କଟକ*
*ମୋ : ୯୯୩୮୪୪୦୯୪୯*
Email: smrutipattanaik1@gmail.com

---

## ନୀଳାଚଳେ ବିଜେ

**ଯୋଗେନ୍ଦ୍ର କୁମାର ନାୟକ**



**ନୀ**ଳାଚଳେ ବିଜେ ବଡ଼ ଦେଉଳରେ
ଶ୍ରୀକ୍ଷେତ୍ର କାଳିଆ ଠାକୁର
ବାନା ଉଡେ ଫରଫର ହେଇ
ଦୂରୁ ତାକୁ ଦଣ୍ଡେ ଜୁହାର
ହେ ମହାପ୍ରଭୁ ... ହାତ ଠାରି ଡାକେ ସିଂହ ଦୁଆର
ଚକା ନୟନକୁ ମେଲି ଜଗତେ ପକାଇ ହୁରି
ଜଗିଅଛ ଏଇ ସାରା ସଂସାର।



ଚକା ଚକା ଆଖି ଦିଶେ କେତେ ସୁନ୍ଦର
ବାଙ୍କ ଚାହାଣି ତୁମର କି ମନୋହର
ମହମହ ବାସିଲାଣି ବାସ ଚନ୍ଦନ
ମଦନ ମୋହନ ବେଶ କି ଶୋଭାବନ
କେତେ ଯୋଗୀ ବଇରାଗୀ ତୁମ୍ଭ ଦରଶନ ଲାଗି
ଜପୁଛନ୍ତି ହୋଇ କେତେ ବିଭୋର।

ପଣ୍ଡା ପଢ଼ିହାରୀ ପୁଣି କେତେ ଭକତେ
ଦଇତାପତି ସୁଆର ଆଦି ସେବକେ
ପହୁଣ୍ଡ ବିଜେ କରନ୍ତି ତିନି ଠାକୁର
ଦରଶନ ଲାଗି ବେଳ ହେଲା ଉଛୁର
ଶରଧା ବାଲିର ଧୁଳି ଦେହେ ମୁଣ୍ଡେ ହେଲି ବୋଲି
ଲୟ ରଖି ପ୍ରଭୁ ଶିରା ପୟର।

*ଅନୁ ଶାସନ ସଚିବ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ*
*ରାଜ୍ୟ ସଚିବାଳୟ, ଭୁବନେଶ୍ୱର-୧*
*ମୋ-୯୪୩୭୩୦୧୫୨୭*

---

## ସେତୁଟିଏ



**ଲକ୍ଷ୍ମୀପ୍ରିୟା ଓଝା**

**ମୋ** ବୋଉ ଆଉ ମୋ ଝିଅର
ମଝିରେ ଥିବା ଶୂନ୍ୟତା ଭିତର
ସରଳ ରେଖାଟିଏ ମୁଁ, ସେତୁଟିଏ।

ନା' ଜଳିପାରେ,
ନା' ଜାଳିପାରେ,
ନା' ମୁଣ୍ଡ ନଇଁ ସହିପାରେ
କାହାର ଠୋକର
ନା' ଉଡେଇ ଦେଇପାରେ
ସିଗାରେଟ ଧୂଆଁରେ
ସମାଜର ଯେତେକ ସଂସ୍କାର

କାନିରେ ଗଣ୍ଠିଲି ବାନ୍ଧି
ପିଠିରେ ପକେଇ ଦେଇ
ଯେତେ ସବୁ କୁସଂସ୍କାର,
ହକ ପାଇଁ ଲଢ଼େ,
ଫଣା ତୋଳେ,
ମୁକ୍ତିର ସଙ୍ଗୀତ ଗାଏ



ଦାସତ୍ୱର ଘୁଙ୍ଗୁର ନୁହେଁ,
ସମର୍ପଣର ସିନ୍ଦୁର ପିନ୍ଧି
କାନ୍ଧେଇ ପାରେ ଲକ୍ଷ୍ୟକୁ
ବନ୍ଧେଇ ପାରେ
ସୀମା ସରହଦ ଭିତରେ
ନିଜ ଇପ୍‌ସିତ ଇଚ୍ଛାମାନଙ୍କୁ

ଢଙ୍ଗ ଢଙ୍ଗ ଶବ୍ଦ କରି
କେବେ ଏପଟ ତ କେବେ
ସେପଟକୁ ଝୁଲି
ବଦଳୁଥିବା ସମୟକୁ
ଦେଖେଇ ଦେଉଥିବା
ପେଣ୍ଡୁଲିୟମଟିଏ ମୁଁ,
ମୋ ଉପର ଦେଇ
ଚାଲି ଯାଉଥିବା ସମୟର
ସାକ୍ଷୀଟିଏ ମୁଁ
ମୋ ବୋଉ ଆଉ ମୋ ଝିଅ
ମଝିରେ ସେତୁଟିଏ ମୁଁ।

*ବରୋଦା, ଗୁଜୁରାଟ*

# ନିରବ ପ୍ରଶାସନ, ବଢୁଛି ଜବରଦଖଲ

**କେନ୍ଦ୍ରାପଡା :** ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବେ ସରକାରୀ ଜାଗାକୁ ଜବର ଦଖଲ ହେବାର ବଢିବାରେ ଲାଗିଛି। ଏଠି ବିଭିନ୍ନ ବିଭାଗର ଜାଗା ଜବରଦଖଲ ହେଉଥିବାବେଳେ ଜିଲ୍ଲା ଜଳସେଚନ ବିଭାଗର ସ୍ଥାନ ସର୍ବାଗ୍ରେ ରହିଛି। ଏହି ବିଭାଗ ଅଧିନସ୍ଥ ଅନେକ ସ୍ଥାନକୁ ଲୋକେ ମାଡିଯାଇ ଗୃହ ନିର୍ମାଣ କରି ନିଜେ ରହିବା ସହିତ ଭଡା ଲଗାଇ ବିଭିନ୍ନ ଓ ବିଭିନ୍ନ ପ୍ରକାର ବ୍ୟବସାୟ ପ୍ରତିଷ୍ଠାନ ଚଳାଇଛନ୍ତି। କେବଳ ସେତିକି ନୁହେଁ ଉକ୍ତ ସ୍ଥାନରେ ମଧ୍ୟ ସେମାନେ ବେଆଇନ୍ କାର୍ଯ୍ୟ ଚଳାଉଥିବାର ଯାଣିବାକୁ ମିଳିଛି। ମିଳିଥିବା ସୂଚନାନୁଯାଇ ସହରର କାକଟଲକ୍ ସ୍ଥିତ ଜଳସଂପଦ ବିଭାଗର ଅନେକ ସ୍ଥାନକୁ କିଛିଲୋକେ ଜବରଦଖଲ ସହ ଗୃହ ନିର୍ମାଣ କରି ବସବାସ କରିବା ସହ ଘରଭଡା ଦେଇ ଏବଂ ବିଭିନ୍ନ ପ୍ରକାରର ବ୍ୟବସାୟ ପ୍ରତିଷ୍ଠାନ ଚଳାଇବା ସହିତ ବେଆଇନ୍ କାରବାରରେ ଲିପ୍ତ ଥିବାର ଜଣାପଡିଛି। ସେହିପରି ଗୋବରୀ ନଦୀ ବନ୍ଧ କଡରେ ମଧ୍ୟ ଅନେକ ସରକାରୀ ଜମି ଜବରଦଖଲରେ ରହିଛି। ଯାହାକି ଗତ ଲଗାଣ ବର୍ଷାରେ କୃତ୍ରିମ ବନ୍ୟା ସୃଷ୍ଟି କରିଥିଲା। ତେବେ ଉକ୍ତ ସରକାରୀ ଜମିକୁ ବେଆଇନ୍ ଭାବେ ଦଖଲ କରିବା ସହିତ ଖାଲୁଆ ସ୍ଥାନରେ ମନମୁଖିରେ ଘର କରିବା ଯୋଗୁଁ ବର୍ଷାଜଳ ନିଷ୍କାସନ ନହୋଇ ଉକ୍ତ ସ୍ଥାନ ଜଳମଗ୍ନ ହେଲା। ଏ ସବୁ କାର୍ଯ୍ୟ ଜିଲା ପ୍ରଶାସନ ତଥା ବିଭାଗ ପଦାଧିକାରୀଙ୍କ ଜାଣନ୍ତରେ ହୁଏ ବୋଲି ବୁଦ୍ଧିଜୀବୀଗଣ କୁହନ୍ତି। ତେଣୁ କେବଳ ଏତିକି ନୁହେଁ ଏହିପରି ଜିଲାର ବିଭିନ୍ନ ସ୍ଥାନରେ ଜବର ଦଖଲ ବଢିଚାଲିଛି। ହେଲେ ଉକ୍ତ ଜବରଦଖଲ ଉଛେଦ ସହ ବେଆଇନ ନିର୍ମାଣ ଉପରେ ପ୍ରଶାସନର ନଜର ନାହିଁ।

# ଜଗତ୍‌ସିଂପୁର ବିଜେଡିରେ ଖୋଜାଚାଲିଛି ନୂଆ ମୁହଁ

**ପାରାଦୀପ :** ଜଗତସିଂହପୁର ଜିଲ୍ଲା ବିଜେଡି ଦଳରେ ଘଡିକେ ଘୋଡା ଛୁଟୁଛି । ଜଗତସିଂହପୁର ଜିଲ୍ଲାର ୪ଟି ବିଧାନସଭା ଆସନରେ ବିଜେଡିର ସ୍ଥିତିକୁ ନେଇ ଆରମ୍ଭ ହୋଇଛି କଳ୍ପନା ଜଳ୍ପନା । ଏଠାରେ ସୂଚନା ଯୋଗ୍ୟ ଯେ ୨୦୧୪ ନିର୍ବାଚନରେ ବିଜେଡି ୩ଟି ବିଧାନସଭା ଓ ଲୋକସଭା ଆସନ ହାତେଇଥିବା ବେଳେ କେବଳ ଜଗତସିଂହପୁର ବିଧାନସଭା ଆସନଟି କଂଗ୍ରେସ ହାତକୁ ଯାଉଥିଲା କିନ୍ତୁ ସମୟ ବଡ ବଳବାନ ପରବର୍ତ୍ତି ସ୍ଥିତିରେ ପାରାଦ୍ୱୀପ ବିଧାୟକ ଡାକ୍ତର ଦାମୋଦର ରାଉତଙ୍କୁ ବିଜେଡି ଦଳରୁ ବହିଷ୍କାର ହେବା ପରେ ଜିଲ୍ଲାର ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି । ସୂଚନା ଯୋଗ୍ୟ ଯେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ବିଷ୍ଣୁ ଦାସ ଜନତା ଦଳରୁ ୧୯୯୦ ଓ ୧୯୯୫ ରେ ଦୁଇଥର ନିର୍ବାଚନରେ ଜିତିଥିଲେ ଜଗତସିଂହପୁର ଆସନରୁ । ପରବର୍ତ୍ତି ସମୟରେ ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ଶ୍ରୀଯୁକ୍ତ ଦାସ ବିଜେଡି ପାର୍ଥି ଭାବେ ଲଗାତର ୩ ଥର ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ କିନ୍ତୁ ଅପ୍ରଣାର୍ଶୀତ ଭାବରେ ୨୦୧୪ନିର୍ବାଚନରେ ଶ୍ରୀଯୁକ୍ତ ଦାସ କଂଗ୍ରେସ ପାର୍ଥୀ ଚିରଞ୍ଜୀବ ବିଶ୍ୱାଳଙ୍କ ଠାରୁ ପରାସ୍ତ ହୋଇଥିଲେ । ନିର୍ବାଚନ ହାରିବା ସତ୍ତେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବିନ୍ ପଟ୍ଟନାୟକ ଶ୍ରୀଯୁକ୍ତ ଦାସଙ୍କୁ ରାଜ୍ୟସଭାକୁ ସଂାସଦ ଭାବରେ ପଠାଇଥିଲେ ତାର କିଛି ଦିନ ପରେ ଦଳ ତାଙ୍କୁ ସଂାସଦ ପଦରୁ ଇସ୍ତଫା ଦେବାକୁ କହିବା ସହ ପରବର୍ତ୍ତି ସମୟରେ ଶ୍ରୀଦାସଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦ ଧରାଇଥିଲା କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଜଗତସିଂହପୁରରେ ବିଜେଡି ଦଳ ନିଜର ସ୍ଥିତି କେତେ ସୁଦୃଢକରି ପାରିଛି ସେ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି ଶ୍ରୀଯୁକ୍ତ ଦାସ ଜଗତସିଂହପୁର ଆସନରୁ ପୁଣି ବିଜେଡି ଦଳକୁ ଜିତାଇବାରେ ସଫଳହେବେ କି ନାହିଁ ତାହାକୁ ନେଇ ଚାରିଆଡେ ଆଲୋଚନା ଚାଲୁଥିବା ବେଳେ କିନ୍ତୁ ଦଳ ନିଜର ସଂାଗଠନିକ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଛି । ବାଲିକୁଦା – ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯିବା ସହିତ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟୀତ୍ୱ ଦିଆଯାଇଛି । ଅନ୍ୟ ପକ୍ଷରେ ଶ୍ରୀଦାସଙ୍କୁ ପାରାଦ୍ୱୀପ ଗ୍ରସ୍ଥ ଉପରେ ଅଲିଖିତ ରୋକ ଲଗାଯାଇଛି । ଗତ ୩୦ ତାରିଖରେ କୁଜଙ୍ଗରେ ଅନୁଷ୍ଠିତ ହୋଇଥିବା ବିରାଟ ମହିଳା ସମାବେଶରେ କାର୍ଯ୍ୟକାରୀ ସଭାପତି ଥିଲେ ମଧ୍ୟ ସଭାପତି ଶ୍ରୀ ଦାସ ସେଠାକୁ ଯାଇ ନଥିଲେ । ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ସିଂହାରପୁରରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ବିଜେଡି କର୍ମୀ ତଥା ବିଧାୟକ ଦୌଡରେ ଥିବା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବୀ ପ୍ରସାନ ମହାନ୍ତି ଏବଂ ରାଜ୍ୟ ବିଜେଡି ସମ୍ପାଦିକା କନକ ପ୍ରଭା ଲେଙ୍କା ମଞ୍ଚରେ ଦେଖିବାକୁ ମିଳିବା ଏବଂ ନାଉଗାଁ ବ୍ଲକ ସଭାରେ ପ୍ରଦୀପ୍ତ ସ୍ୱାଇଁ ମନ୍ତ୍ରୀଙ୍କ ସହ ମଞ୍ଚରେ ବସିବା ଘଟଣାକୁ ବିଷ୍ଣୁ ଦାସ ଅଥବା ତାଙ୍କ ସମର୍ଥକ ସହଜରେ ହଜମ କରିପାରୁ ନାହାଁନ୍ତି ବିଷ୍ଣୁଙ୍କ ସମର୍ଥକ ମାନେ ଦୁଇଟି ସଭାରେ ଗଣ୍ଡୋଗୋଳ କରିଥିଲେ । ଏଭଳି ସ୍ଥିତିରେ ଜଗତସିଂହପୁର ଜିଲ୍ଲା ଆସନରେ କୌଣସି ନୂଆ ଯୁବ ଚେହେରା ବିଜେଡି ପକ୍ଷରୁ ସାମନା ଆସିବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି ।

# 'ସ୍ୱଚ୍ଛ ଓ ନିରପେକ୍ଷ ସମ୍ବାଦ ପରିବେଷଣରେ ସାମ୍ବାଦିକଙ୍କ ଭୂମିକା ଉଲ୍ଲେଖନୀୟ'

ଭୁବନେଶ୍ୱର, ୧/୬ : ସ୍ୱଚ୍ଛ ଓ ନିରପେକ୍ଷ ସମ୍ବାଦ ପରିବେଷଣରେ ସାମ୍ବାଦିକ ମାନଙ୍କର ଭୂମିକା ଉଲ୍ଲେଖନୀୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ଓଡିଶା ରତ୍ନ ଆୱାର୍ଡ କମିଟିର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଓଡିଶା ଗଣମାଧ୍ୟମ ପରିଷଦର ନବମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଶ୍ରୀ ଘଡାଇ କହିଲେ ଯେ ବର୍ତ୍ତମାନ ଯୁଗପୋଯୋଗୀ ସାମ୍ବାଦିକତା ପାଇଁ ସାମ୍ବାଦିକତା କ୍ଷେତ୍ରରେ ଉପଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି। ଓଡିଶା ମିଡିଆ କାଉନସିଲ ତାଲିମପ୍ରାପ୍ତ ଓ ପୂର୍ନକାଳୀନ ସାମ୍ବାଦିକତା କରୁଥିବା ବ୍ୟକ୍ତିବିଶେଷଙ୍କୁ ସଙ୍ଗଠିତ କରି ପରିଷଦର ସଭ୍ୟ ଅର୍ନ୍ତଭୁକ୍ତ କରାଯାଉଥିବା ଏକ ମହତ କାର୍ଯ୍ୟ ବୋଲି ଶ୍ରୀ ଘଡାଇ ପ୍ରକାଶ କରିଥିଲେ। ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ଥିବା ସାମ୍ବାଦିକ ମାନଙ୍କୁ କିପରି ସୁବିଧା ସୁଯୋଗ ସୃଷ୍ଟି କରାଯାଇପାରିବ ସେଥିପାଇଁ ଓଡିଶା ଗଣମାଧ୍ୟମ ପରିଷଦ ଗୁରୁତ୍ୱ ସହକାରେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ତଥା ଦାୟାଦ ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଡକ୍ଟର ବଦ୍ରିନାଥ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଲେ ସାମ୍ବାଦିକତା ବୃତ୍ତି ଏକ ମହାନ ବୃତ୍ତି। ସେମାନଙ୍କ ଲେଖନୀରେ ସମାଜର ବହୁ ଉନ୍ନତି ପରିଲକ୍ଷିତ ହେଉଛି। ସାମ୍ବାଦିକମାନେ ତାଂକ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ହେବା ଜରୁରୀ। ଅନ୍ୟତମ ଅତିଥି ଉତ୍ତର ଭୁବନେଶ୍ୱରର ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର କହିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ସାମ୍ବାଦିକମାନଙ୍କ ଉନ୍ନତି ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀ ମିଶ୍ର କହିଲେ। ଉତ୍ସବର ପ୍ରାରମ୍ଭରେ ଓଡିଶା ଗଣମାଧ୍ୟମ ପରିଷଦର ଅଧ୍ୟକ୍ଷ ଶ୍ରୀ ସଂଜୟ କୁମାର ପ୍ରଧାନ ଓଡିଶା ଗଣମାଧ୍ୟମ ପରିଷଦର ଆଭିମୁଖ୍ୟ ତଥା ଭବିଷ୍ୟତ କାର୍ଯ୍ୟପନ୍ଥା ଯଥା ସାମ୍ବାଦିକମାନଙ୍କ ପଂଜୀକରଣ ଓ ମାସିକ ପେନ୍‌ସନ ବ୍ୟବସ୍ଥା ପ୍ରଚଳନ ପାଇଁ ଏକ କୋଟି ଟଙ୍କାର ସ୍ଥାୟୀ ଜମା ପାଣ୍ଠି ର ବ୍ୟବସ୍ଥା ପାଇଁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଓଡିଶାର ତିରିଶଟି ଜିଲ୍ଲାରୁ ବିଭିନ୍ନ ସ୍ଥାନରୁ ପ୍ରକାଶ ପାଉଥିବା ଦୈନିକ ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ରର ସମ୍ପାଦକ ଏବଂ ପୂର୍ଣ୍ଣକାଳୀନ ଭାବେ ପେସାଦାର ସାମ୍ବାଦିକ ମାନଙ୍କର ଏକ ତାଲିକା ପ୍ରକାଶ କରିବା ସହ ଉପଯୁକ୍ତ ପ୍ରାପ୍ୟ ଓ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡିଶା ଗଣମାଧ୍ୟମ ପରିଷଦ ଗଠିତ ହୋଇଛି। ଏହି ପରିଷଦରେ ଯେକୌଣସି ବ୍ୟକ୍ତି ବିଶେଷ ସାମ୍ବାଦିକତାରେ ଡିପ୍ଲୋମା ବା ଡିଗ୍ରୀ ବା ସ୍ନାତକ ଡିଗ୍ରୀ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇ ପେସାଦାର ସାମ୍ବାଦିକ ଭାବେ କାର୍ଯ୍ୟ କରିବାକୁ ଆଗ୍ରହ ହେଲେ ଏହି ଅନୁଷ୍ଠାନ ତରଫରୁ ସେମାନଙ୍କୁ ଏକ ପ୍ରମାଣପତ୍ର ଦିଆଯିବାର ବ୍ୟବସ୍ଥା ହୋଇଛି। ଓଡିଶା ମିଡିଆ କାଉନସିଲର ସଭ୍ୟମାନଙ୍କୁ ରାଜ୍ୟ ସରକାର ସୀକୃତି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରାଯାଇଛି।

# ଗୋରୁ, ମେଣ୍ଢା ଓ ବୁଲା କୁକୁରଙ୍କ ମେଳାସ୍ଥଳ ପାଲଟିଛି କେନ୍ଦ୍ରାପଡା ସହର



**କେନ୍ଦ୍ରାପଡା :** କେନ୍ଦ୍ରାପଡା ସହର ଏବେ ଗାଈ, ଷଣ୍ଢ, ମେଣ୍ଢା ଏବଂ ବୁଲା କୁକୁରଙ୍କ ମେଳାସ୍ଥଳ ପାଲଟିଛି। ଏଠି ବିଶେଷ କରି ମୁଖ୍ୟ ରାସ୍ତା, ଡାକ୍ତରଖାନା, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପରିସର ଆଦି ବିଭିନ୍ନ ସ୍ଥାନରେ ଅତ୍ୟଧିକ ସ୍ଥାନରେ ରୁଣ୍ଡହୋଇ ଉତ୍ପାତ କରୁଥିବାର ଜଣାଯାଏ। ଏହାଦ୍ୱାରା ଜନସାଧାରଣେ ଅନେକ ଅସୁବିଧାରେ ପଡୁଥିବା ସହ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତିରେ ଜରୁରୀ କାଳୀନ ପରିସ୍ଥିତିରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଖୁବ ଅସୁବିଧାରେ ପଡୁଛନ୍ତି। ବିଭିନ୍ନ ସ୍ଥାନରେ ଗୋରୁଗାଈ ଏବଂ ମେଣ୍ଢାମାନେ ଦଳଦଳ ହୋଇରାସ୍ତା ଅବରୋଧ କରୁଥିବା ବେଳେ ବୁଲା କୁକୁର ଗୁଡିକ ମଧ୍ୟ ଲୋକଙ୍କୁ ହଇରାଣ କରିବା ସହିତ ଗୋଡାଇ ଗୋଡାଇ କାମୁଡିବାରେ ଲାଗିଛନ୍ତି। ଏଠି ପୌର ପ୍ରଶାସନ ବୁଲାକୁକୁରଙ୍କୁ ଧରି ବନ୍ଧ୍ୟାକରଣ କରିବା ସହ ଅନ୍ୟତ୍ର ଛାଡିବାର ଆବଶ୍ୟକତା ହେଉଥିବା ବେଳେ ବାହାରକୁ ଛାଡିଦେଉଥିବା ଗୋରୁଗାଈ ମେଣ୍ଢାଙ୍କ ପ୍ରତି କଟକଣା କରିବାର ଆବଶ୍ୟକତା ରହିଛି। ନହେଲେ ଆଗକୁ ଅନେକ ସମସ୍ୟା ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ନିଜ ବିଧାୟକଙ୍କୁ ...

ସାମିଲ ଥିବା ଜଣାପଡ଼ିଲା। ଏହା ପୂର୍ବରୁ ମଧ୍ୟ ଯେଉଁ ଅଣଓଡ଼ିଆ ଜିଲ୍ଲାପାଳ ଥିଲେ ସେ ସୁଲେଇପାଟ, ବାଦାମପାହାଡ଼ ଓ ଗୋରୁମହିଷାଣି ଲୁହାଖଣି ଦୁର୍ନୀତିରେ ଜଡ଼ିତ। ଉଦ୍ୟାନକୃଷିରେ ହୋଇଥିବା ଦୁର୍ନୀତି ଜାଣିବା ପରେ ଏଠାକାର ଆସିଷ୍ଟାଣ୍ଟ ଡାଇରେକ୍ଟର ଧରଣୀଧର ପାତ୍ରଙ୍କୁ ସସପେଣ୍ଡ କରିଥିଲି। ଏହାର ୧୫ରୁ୨୦ ଦିନ ଭିତରେ ମୋର ମନ୍ତ୍ରୀପଦ ପଳାଇଲା। ସେ କହିଥିଲେ ଯେ ମୁଁ ବିଧାୟକ ଭାବରେ ବିଧାନସଭାରେ ପ୍ରଶ୍ନ କରିବାରୁ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଲେଖିକରି ଉତ୍ତର ଦେଇଥିଲେ ମୟୂରଭଞ୍ଜ ଚାରା ଦୁର୍ନୀତିରେ ୧୭ କୋଟି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟରେ ୧୨ କୋଟି ଅଫିସରମାନେ ଖାଇଛନ୍ତି। ସମ୍ବଲପୁର ଓ ଦେବଗଡ଼ରେ ୨ ଜଣ ଅଫିସର ୯୯ ଲକ୍ଷ ୭୪ ହଜାର, କଳାହାଣ୍ଡିରେ ଜଣେ ଡେପୁଟୀ ଡାଇରେକ୍ଟର ୮ କୋଟି ୧୧ ଲକ୍ଷ ଖାଇଛନ୍ତି ବୋଲି ମନ୍ତ୍ରୀ ସ୍ୱୀକାର କରିଥିଲେ। କିନ୍ତୁ ଏହା ସତ୍ତ୍ୱେ ଅଫିସରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। କାରଣ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ସୁରକ୍ଷିତ। ଡା. ରାଉତ କହିଥିଲେ ଯେ ଖଣି ଦୁର୍ନୀତିର ତଦନ୍ତ କରି ଶାହା କମିଶନ ଏକ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇବା ସହ ତାହାର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲେ। ମାତ୍ର ୫ ବର୍ଷ ହୋଇଗଲା ସିବିଆଇ ତଦନ୍ତ କରାଯାଉ ନାହିଁ। ସୁପ୍ରିମକୋର୍ଟ ଖଣି ମାଲିକମାନଙ୍କୁ ଲକ୍ଷେ କୋଟି ଟଙ୍କା ଜରିମାନା କରିଛନ୍ତି। ସୁପ୍ରିମ କୋର୍ଟଙ୍କ ଆଦେଶ ଥିଲେ ମଧ୍ୟ ସରକାର ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଖଣିମାଲିକମାନଙ୍କୁ ଭାଲିଡ଼ିଟି ଲାଇସେନ୍ସ ଦେଇ ୮୦୦ କୋଟି ଟଙ୍କା ଲାଞ୍ଚ ନେଇଛନ୍ତି। ଗଞ୍ଜାମ କଲେକ୍ଟର ଡାଲି କିଣାରେ କୋଟିକୋଟି ଟଙ୍କା ଖାଇଥିଲେ। ଭିଜିଲାନ୍ସ ତଦନ୍ତ ହେଲା। ମୁଖ୍ୟମନ୍ତ୍ରୀ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରେ ୩୦ ବର୍ଷରୁ ଅଧିକ ହେଲା ସୁବର୍ଣ୍ଣରେଖା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ପାଣି ପାଇସାରିଥିଲେ ମଧ୍ୟ ଓଡ଼ିଶା ଏଥିରୁ ବଞ୍ଚିତ। ୧୯୬୨ରେ ବିଜୁ ପଟ୍ଟନାୟକ ସରକାର ସମୟରେ ରାଇରଙ୍ଗପୁର, ଉଦଳା, କରଞ୍ଜିଆରେ ଖଡ଼ଖାଇ ପ୍ରକଳ୍ପ କାର୍ଯ୍ୟକାରୀ କରାଇଥିଲେ। ଏଥିରୁ ୮୮ ହଜାର ହେକ୍ଟର ଜମିକୁ ପାଣି ମାଡୁଛି। ଏ ସରକାର ୧୯ ବର୍ଷରେ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏମଜିଏନଆରଇଜିଏସରେ ଜବ କାର୍ଡ଼ଧାରୀମାନଙ୍କୁ ବର୍ଷକୁ ୧୦୦ ଦିନର କାମ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଟଙ୍କା ଦେଉଥିବା ବେଳେ ରାଜ୍ୟରେ ଶହ ଶହ କୋଟି ଟଙ୍କା ଦୁର୍ନୀତି ହୋଇଛି। ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇବାରେ ମଧ୍ୟ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗରୀବ ଆଦିବାସୀଙ୍କ ନିମନ୍ତେ ଆସୁଥିବା ଅର୍ଥକୁ ହରିଲୁଟ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଏହି ସଭାରେ ଯୋଗ ଦେବାର ଥିଲେ ବି ସେ ଅଧା ବାଟରୁ ଫେରି ଯାଇଥିଲେ।

### ମଧ୍ୟବର୍ତ୍ତୀ ସହାୟତା ...

ତିତଲିର ଭୟାବହତା ନେଇ ସୂଚନା ଦେଇପାରିଥିଲେ। ଏହି ସମୟ ଭିତରେ ସରକାର ୩ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା। ବାତ୍ୟା ଯୋଗୁଁ ୨ ଲକ୍ଷ ୭୩ ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି। ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଦ୍ୟୁତ ସରବରାହ ଭିତ୍ତିଭୂମି ନଷ୍ଟ ହୋଇଯାଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାସ୍ତାଘାଟର ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଗୁଡ଼ିକର ତୁରନ୍ତ ମରାମତି ଆବଶ୍ୟକ ହେଉଛି।

ସେହିପରି 'ତିତ୍‌ଲି' ପ୍ରଭାବରେ ଭାଙ୍ଗିଯାଇଥିବା ଘର ଓ ପ୍ରାଣ ହରାଇଥିବା ଗୃହପାଳିତ ପଶୁଙ୍କ କ୍ଷତି ଭରଣା ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ଯୁଗ୍ମ ରିଲିଫ୍ କମିଶନର ପ୍ରଭାତ ମହାପାତ୍ର ଗଣମାଧମକୁ ସୂଚନା ଦେଇ କହିଛନ୍ତି ଯେ ମୃତ ଗାଈ ପିଛା ୩୦ ହଜାର ଟଙ୍କା ଓ ବଳଦ ପିଛା ୨୫ ହଜାର ଟଙ୍କା ଲେଖାଏଁ ସହାୟତା ମିଳିବ। ଛେଳିମେଣ୍ଢା ପ୍ରଭୃତି ଗୃହପାଳିତ ପଶୁଙ୍କ ପାଇଁ ସରକାର ସମ୍ପୃକ୍ତ ପାଳକଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା ଦେବେ। କୁକୁଡ଼ା ଚିଆଁ ଫାର୍ମ ପାଇଁ ସର୍ବାଧିକ କ୍ଷତିପୂରଣ ରାଶି ୫ ହଜାର ଟଙ୍କା ରଖାଯାଇଛି। ସେହିପରି ଯେଉଁମାନଙ୍କ ଘର ଭାଙ୍ଗିଛି ସେମାନଙ୍କ ଲାଗି ମଧ୍ୟ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ପାହାଡ଼ିଆ ଅଞ୍ଚଳରେ ଘର ହରାଇଥିବା ବ୍ୟକ୍ତିଙ୍କୁ ସର୍ବାଧିକ ୧ ଲକ୍ଷ ୧ ହଜାର ୯୦୦ ଟଙ୍କା ଓ ସମତୁଲ ଅଞ୍ଚଳରେ ଘର ହରାଇଥିବା ବ୍ୟକ୍ତିଙ୍କୁ ସର୍ବାଧିକ ୯୫ ହଜାର ୧୦୦ ଟଙ୍କା ସହାୟତା ମିଳିବ। ଆଂଶିକ ଘର ଭାଙ୍ଗିଥିଲେ ମଧ୍ୟ ସରକାର ସହାୟତା ଦେବେ। ଆଂଶିକ ଭାଙ୍ଗିଥିବା କଚ୍ଚା ଘର ପାଇଁ ୩ ହଜାର ୨ ଶହ ଟଙ୍କା ଓ ପକ୍କାଘର ପାଇଁ ୫ ହଜାର ୨୦୦ ଟଙ୍କା ଦିଆଯିବ। ଲୁଗାପଟା କିଣିବା ଲାଗି କ୍ଷତିଗ୍ରସ୍ତଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ସହାୟତା ମିଳିବ। ବାସନକୁସନ ଓ ଲୁଗାପଟା କିଣିବା ଲାଗି ସରକାର ୩ ହଜାର ୮୦୦ ଟଙ୍କା ଦେବେ। ଏହା ପୂର୍ବରୁ ସ୍ୱତନ୍ତ୍ର ରିଲିଫ୍ ବାବଦରେ କ୍ଷତିଗ୍ରସ୍ତ ଲୋକଙ୍କୁ ନଗଦ ୧ ହଜାର ଟଙ୍କା, ୫୦ କିଲୋ ଚାଉଳ, ଅଢ଼େଇ ଲିଟର କିରୋସିନ ଯୋଗାଇ ଦିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟ କରାଯାଇଛି। ଅନ୍ୟ ରିଲିଫ୍ ସହାୟତା ଅର୍ଥକୁ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ତୁରନ୍ତ ଜମା କରାଯିବ।

### ଅସନ୍ତୋଷ ...

ବ୍ୟୟରେ ରାଜ ଲକ୍ଷ୍ମୀ କନଷ୍ଟ୍ରକସନ, କଟକ ଦ୍ୱାରା ଏହାରି ନିର୍ମାଣ କାର୍ଯ୍ୟ ହୋଇ ଥିବା ବେଳେ ସେତୁର ତତ୍ତ୍ୱାବଧାନ ଦାୟିତ୍ୱ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧିନରେ ରହିଥିଲା। ସେତୁର ବୈଷୟିକ ନିର୍ଦ୍ଦେଶନାମା ଅନୁଯାୟୀ ଏହାରି ଲମ୍ବ ୪୮୫ ମିଟର ହୋଇ ଥିବା ବେଳେ ୧୫ଟି ସ୍ପାନରେ ଏହା ସୀମିତ ରହିଥିଲେ ହେଁ ନିର୍ମାଣ ଦାୟିତ୍ୱରେ ରହିଥିବା ଠିକାଦାରଙ୍କ ଦେବାଳିଆ ସ୍ଥିତି ଏବଂ କାର୍ଯ୍ୟରେ ବ୍ୟାପକ ମନ୍ଥରତା ଯୋଗୁଁ ଧାର୍ଯ୍ୟ ସମୟର ୩ ବର୍ଷ ପରେ ଏହାରି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଥିଲା। ବର୍ତ୍ତମାନ ଏହି ସେତୁର ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟକୁ ଆସି ଯାଇଥିଲେ ହେଁ ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ପାଇଁ ଆବଶ୍ୟକ ଭୂମି ଅଧିଗ୍ରହଣ ଏଯାବତ ହୋଇ ପାରିନଥିବାରୁ ଆବଶ୍ୟକ ରାସ୍ତା ନିର୍ମାଣ ହୋଇ ପାରୁନି। ଦାୟିତ୍ୱରେ ଥିବା ଠିକାଦାର ଗୋଡହାତ ବାନ୍ଧି ବସିଥିବା ଦେଖିବାକୁ ମିଳିଛି । ଉଭୟ ପାର୍ଶ୍ୱର ଭୂମି ଅଧିଗ୍ରହଣ ମଧ୍ୟରୁ କନ୍ଧମାଳ ତହସିଲ ଟିକରାପଡ଼ା ରାଜସ୍ୱ ଗ୍ରାମର ଜମି ପଞ୍ଜିକରଣ କାର୍ଯ୍ୟ ଶେଷ ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇ ସାରିଥିବା ବେଳେ ତରଭା ପାର୍ଶ୍ୱରେ ଏଯାବତ ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ନଥିବା ଜଣାଯାଇଛି । ଜମି ଅଧିଗ୍ରହଣ ନେଇ କନ୍ଧମାଳ ନାଗରିକ କମିଟିର ସଦସ୍ୟମାନେ ତରଭା ଯାଇ ସଂପୃକ୍ତ ନିର୍ବାଚନମଣ୍ଡଳୀର ବିଧାୟକ ତଥା ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଏବଂ ସୋନପୁର ସର୍କିଟ ହାଉସରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ପ୍ରଦୀପକୁମାର ଅମାତ, ସୁବର୍ଣ୍ଣପୁର ଜିଲାପାଳଙ୍କୁ ସାକ୍ଷାତ କରି ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବା ନେଇ ସୁବର୍ଣ୍ଣପୁରର ତତକାଳୀନ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ ହେଁ ଏହି କାର୍ଯ୍ୟ ଏଯାବତ ଆରମ୍ଭ ହୋଇ ନଥିବା ହେତୁ ଉଭୟ ତରଭା ଓ କନ୍ଧମାଳ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତତକାଳୀନ ବିଧାୟକ ଭଗବାନ କହଁରଙ୍କ କାର୍ଯ୍ୟକାଳ ସମୟରେ ତାଙ୍କରି ଉଦ୍ୟମରେ ଏହି ସେତୁ ନିର୍ମାଣ ହୋଇଥିବା ହେତୁ ଏହି ସେତୁ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ବର୍ତ୍ତମାନର ବିଧାୟକ ଦିନଟିଏ ପାଇଁ ମୁଣ୍ଡ ପୁରାଉ ନାହାଁନ୍ତି କି ତୁଣ୍ଡ ଖୋଲୁ ନଥିବା ହେତୁ ରାଜନୈତିକ ଇଚ୍ଛା ଶକ୍ତି ଅଭାବ ହିଁ ମୁଖ୍ୟ ବାଧକ ବୋଲି ସାଧାରଣରେ ଆଲୋଚନା ହେଉଛି । ଇତି ମଧ୍ୟରେ ତେଲନଦୀର (ମନମୁଣ୍ଡା ଠାରୁ ଫାସଡ଼) ମଧ୍ୟରେ ମାତ୍ର ୫୦ କିଲୋମିଟର ଦୂରତ୍ୱରେ ଅଧିକ ୩ ଗୋଟି ସେତୁ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ସହ କାର୍ଯ୍ୟ ଆରମ୍ଭ ହୋଇ ଥିବା ବେଳେ କନ୍ଧମାଳ-ତରଭା ସେତୁର ସାଧାରଣ ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରତି ଖୋଦ ପ୍ରଶାସନିକ ଏବଂ ରାଜନୈତିକ ପ୍ରତିନିଧି ବିମୁଖ କାହିଁକି ବୋଲି ସାଧାରଣରେ ଖୋଲାଖୋଲି ଆଲୋଚନା ହେବା ସହ ଆଗାମୀ ଦିନରେ ଏହି ସେତୁକୁ ନେଇ ଏକ ଜନ ଆନ୍ଦୋଳନର ଦାନା ବାନ୍ଧିବା ସହ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘ ଦିନର ପୁଞ୍ଜିଭୂତ ଅସନ୍ତୋଷରୁ ସ୍ପଷ୍ଟ ବାରି ହେଉଛି।

### ହୀରାକୁଦରୁ ...

ବହୁମୁଖୀ ନଦୀବନ୍ଧ ଯୋଜନା ଦ୍ୱାରା ବନ୍ୟା ନିୟନ୍ତ୍ରଣ, କୃଷି କ୍ଷେତ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ରଖାଯାଇଥିଲା। ତେବେ ସମୟକ୍ରମେ ହୀରାକୁଦ ନଦୀବନ୍ଧ ଯେଉଁ ଲକ୍ଷ୍ୟକୁ ନେଇ ପ୍ରତିଷ୍ଠା ହୋଇଥିଲା ତାହା ସମ୍ପୂର୍ଣ୍ଣ ସଫଳ ହୋଇପାରି ନାହିଁ। ବନ୍ଧ ନିର୍ମାଣ ପରେ ମଧ୍ୟ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ସମ୍ବଲପୁର ଜିଲ୍ଲାରେ ହୀରାକୁଦ ବନ୍ଧ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେବଳ ୨ଟି ବ୍ଲକକୁ ଛାଡ଼ିଦେଲେ ଅନ୍ୟ ୭ଟି ବ୍ଲକରେ କୃଷି କାର୍ଯ୍ୟ ପରିଚାଳନା ପାଇଁ କେନାଲ ବ୍ୟବସ୍ଥା ହୋଇପାରି ନାହିଁ। ଯେଉଁ ଦୁଇଟି ବ୍ଲକରେ କେନାଲ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି ସେଠାରେ ମଧ୍ୟ ଆଜି ପର୍ଯ୍ୟନ୍ତ ଟେଲଏଣ୍ଡ ଯାଏଁ ଜଳ ଯାଇପାରୁ ନାହିଁ। ବର୍ତ୍ତମାନ ଏହି ଦୁଇଟି ଲକ୍ଷ୍ୟକୁ ପୂରଣ କରିନପାରିବା ଭଳି ସ୍ଥିତି ସୃଷ୍ଟି ହୋଇଛି ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ। ହୀରାକୁଦ ପାୱାର୍ ସିଷ୍ଟମ୍ ଷ୍ଟେଜ୍ ୱାନ୍-ବୁର୍ଲା ଶକ୍ତିକେନ୍ଦ୍ରରେ ବିଦ୍ୟୁତ ଉତ୍ପାଦନ ପାଇଁ ୭ଟି ୟୁନିଟ ରହିଥିବା ବେଳେ ଏଥିରୁ ୨୭୫.୫ ମେଗାୱାଟ ବିଦ୍ୟୁତ ଉତ୍ପାଦନର କ୍ଷମତା ରହିଛି। ସେହିପରି ଷ୍ଟେଜ୍-୨ ଚିପିଲିମାରେ ୩ଟି ୟୁନିଟ ପ୍ରତିଷ୍ଠା ହୋଇଥିବା ବେଳେ ସେଥିରୁ ୭୨ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନର କ୍ଷମତା ରହିଛି। ହୀରାକୁଦ ବନ୍ଧ ନିୟନ୍ତ୍ରଣ କକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୁର୍ଲା ଶକ୍ତି କେନ୍ଦ୍ରରେ କାର୍ଯ୍ୟକରୁଥିବା ୩ଟି ୟୁନିଟରୁ ଆଜି ୬୨.୯୧୭ ମେଗାୱାଟ ଓ ଚିପିଲିମା ଶକ୍ତିକେନ୍ଦ୍ରରେ କାର୍ଯ୍ୟ କରୁଥିବା ଗୋଟିଏ ୟୁନିଟରୁ ୨୧.୦୪୨ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହେଉଛି। ବର୍ତ୍ତମାନ ହୀରାକୁଦ ବନ୍ଧରେ ୬୨୮.୨୬ ଫୁଟ ଜଳ ଥିବା ବେଳେ ଗତ କିଛି ଦିନ ହେଲା ପାର୍ବଣ ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ୱେସ୍କୋ ପକ୍ଷରୁ ବିଦ୍ୟୁତ କାଟ ଆରମ୍ଭ ହୋଇଛି। ୟୁନିଟଗୁଡ଼ିକର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ସ୍ଥିତି ଉତ୍ପନ୍ନ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପ୍ରାୟ ଏକମାସ ତଳେ ବର୍ଷା ସମୟରେ ପାୱାର୍ ଚ୍ୟାନେଲ୍‌ରୁ ଜଳ ଉଛୁଳି ଚିପିଲିମା ଶକ୍ତିକେନ୍ଦ୍ର ମଧ୍ୟରେ ପ୍ରବେଶ କରିବାରୁ ୧ ନମ୍ବର ୟୁନିଟ ଅଚଳ ହୋଇଛି। ସେହିପରି ୩ ନମ୍ବର ୟୁନିଟର ରକ୍ଷଣାବେକ୍ଷଣ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ତାହା ମଧ୍ୟ ଉତ୍ପାଦନକ୍ଷମ ହୋଇପାରୁ ନାହିଁ।

### ଚିନ୍ତା ଘାରିଲା ...

ଅନୁସାରେ ସାରା ପୃଥିବୀର ସର୍ବାଧିକ ପ୍ରଦୂଷିତ ୨୦ଟି ସହର ମଧ୍ୟରେ ଭାରତର ୧୪ଟି ସହର ଅନ୍ତର୍ଭୁକ୍ତ। କାନପୁର, ଫରିଦାବାଦ ଓ ବାରାଣାସୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଛନ୍ତି। ଭାରତର ସର୍ବାଧିକ ପ୍ରଦୂଷିତ ଅନ୍ୟ ସହରଗୁଡ଼ିକ ହେଲେ ଦିଲ୍ଲୀ, ପାଟନା, ଆଗ୍ରା, ମୁଜାଫରପୁର, ଶ୍ରୀନଗର, ଗୁରୁଗାଁଓ, ଜୟପୁର, ପାଟିଆଲା ଓ ଯୋଧପୁର। ସେହିପରି ବିଶ୍ୱର ସର୍ବାଧିକ ପ୍ରଦୂଷିତ ଅନ୍ୟ ଗୋଟିଏ ସହର ହେଲା କୁଏତର ଅଲି ସୁବାହ ଅଲ-ସାଲେମ। ଚୀନ ଓ ମଙ୍ଗୋଲିଆର କେତେକ ସହର ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ। ସରକାରୀ ପରିସଂଖ୍ୟାନ ଅନୁସାରେ ବାହାର ବାୟୁ ପ୍ରଦୂଷଣ ଯୋଗୁଁ ୨୦୧୬ ମସିହାରେ ଭାରତରେ ୧୦.୮୭ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଘର ଭିତର ବାୟୁ ପ୍ରଦୂଷଣ ଯୋଗୁଁ ସେହିବର୍ଷ ଭାରତରେ ୧୦.୮୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ବିଶ୍ୱ ସ୍ତରରେ ପ୍ରତି ବର୍ଷ ପ୍ରାୟ ୭୦ ଲକ୍ଷ ଲୋକ ପ୍ରଦୂଷଣ ଯୋଗୁଁ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ତରରେ ପ୍ରତି ୧୦ ଜଣରୁ ୯ ଜଣ ଲୋକ ନିମ୍ନ ମାନର ବାୟୁ ସେବନ କରୁଛନ୍ତି। ଏସିଆ ଓ ଆଫ୍ରିକାର ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ପ୍ରଦୂଷଣଜନିତ ମୃତ୍ୟୁର ୯୦ ପ୍ରତିଶତରୁ ଅଧିକ ଘଟୁଛି। ସମ୍ମିଳନୀ ନିମନ୍ତେ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ମଧ୍ୟରେ ବଣ୍ଟନ କରାଯାଇଥିବା ଆଜେଣ୍ଡା ନୋଟ୍ ବା ସଂକଳ୍ପ ସୂଚନା ଅନୁସାରେ ବିଶ୍ୱ ପ୍ରଦୂଷଣର ମୁକାବିଲା କରିବା ନିମନ୍ତେ ସ୍ୱଳ୍ପ ଖର୍ଚ୍ଚରେ ଅନେକ କିଛି ଉପାୟ ଉପଲବ୍ଧ ଅଛି। ପରିବହନ, ଶକ୍ତି, କୃଷି, ବର୍ଜ୍ୟ, ଗୃହନିର୍ମାଣ ଆଦି କ୍ଷେତ୍ରରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ରୋକିବା ପାଇଁ ସ୍ୱଳ୍ପ ଖର୍ଚ୍ଚରେ ଅନେକ କିଛି ପଦକ୍ଷେପ ନିଆଯାଇପାରିବ। ପାଗ ପରିବର୍ତ୍ତନ ପରିସ୍ଥିତିର ମୁକାବିଲା କରିବା ସଙ୍ଗେସଙ୍ଗେ ପରିପୋଷଣୀୟ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ମଧ୍ୟ ସମ୍ମିଳନୀରେ ସ୍ୱର ଉଠିବାର ସମ୍ଭାବନା ରହିଛି। ସେହିପରି ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହିତ ସହରଗୁଡ଼ିକ ସମସ୍ତଙ୍କ ପାଇଁ ଜୀବନ-ଉପଯୋଗୀ କରିବାର ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ ହୋଇପାରେ।

### ସାହାଯ୍ୟ ଅପେକ୍ଷାରେ ...

ହେଲେ ଏହି ଘଟଣା ଘଟିବାର ଦୀର୍ଘ ୩ମାସ ବିତିଯିବା ପରେ ମଧ୍ୟ ଥାନାରୁ କୌଣସି ସଠିକ୍ ଖବର ମିଳି ନଥିଲା। ଏହି ଘଟଣା ସମ୍ପର୍କରେ ଡୁଡିଆଙ୍କ ପରିବାରର ସଦସ୍ୟମାନେ 'ଏକମାତ୍ର'କୁ ଫୋନ୍ ଯୋଗେ ଜଣାଇଥିଲେ। 'ଏକମାତ୍ର' ସମ୍ପାଦକ ସେମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ସେଠାରେ ଆମର ଜିଲ୍ଲା ପ୍ରତିନିଧି ରହୁଛନ୍ତି ଏବଂ ତୁମ୍ଭେମାନେ ତାଙ୍କ ସହିତ ସାକ୍ଷାତ କରି ଏସ୍‌ପିଙ୍କ ନିକଟକୁ ଯାଅ। ସେହି ଅନୁସାରେ ଦୁଲେଇ ମାଝୀ 'ଏକମାତ୍ର'ର କଳାହାଣ୍ଡି ଜିଲ୍ଲା ପ୍ରତିନିଧିଙ୍କ ସହିତ ଯାଇ ଏସ୍‌ପି ମହୋଦୟଙ୍କୁ ସାକ୍ଷାତ କରିଥିଲେ। ଥାନାରେ କରାଯାଇଥିବା ଏତଲାର ନକଲ ମଧ୍ୟ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯିବା ସହିତ ଆଉ ଏକ ଦରଖାସ୍ତ ମଧ୍ୟ ଦିଆଯାଇଛି। ଯାହାର ନକଲ ଥୁ.ରାମପୁର ଥାନାରେ ଦେବା ପାଇଁ ଏସ୍‌ପି ମହୋଦୟ କହିବା ସହିତ ସବୁ ପ୍ରକାର ସହଯୋଗ କରାଯିବ ବୋଲି ମଧ୍ୟ ଆଶ୍ୱାସନା ଦେଇଥିଲେ। ପରେ ଘଟଣା ସମ୍ପର୍କରେ ସ୍ଥାନୀୟ ଏଡିଏମ୍ ଓ ଉପଜିଲ୍ଲାପାଳଙ୍କୁ ନିଖୋଜଙ୍କ ପରିବାର ପକ୍ଷରୁ ଜଣାଯାଇଥିଲା। ହେଲେ ଇତିମଧ୍ୟରେ ନିଖୋଜ ଡୁଡିଆ ମାଝୀଙ୍କ ମୃତ୍ୟୁ ଖବର ଗାଁରେ ପହଞ୍ଚିଛି। ବର୍ତ୍ତମାନ ନିଖୋଜ ଡୁଡିଆଙ୍କ ପତ୍ନୀ ଓ ଚାରିଗୋଟି ପିଲାଛୁଆଙ୍କ ଅବସ୍ଥା ସଙ୍ଗୀନ। ସରକାରୀ ସହାୟତା ଅପେକ୍ଷାରେ ଥିବା ଏହି ପରିବାରକୁ ପ୍ରଥମେ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ସାକ୍ଷାତ କରିବା ସହିତ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକଙ୍କ ଓ ଜିଲ୍ଲାପାଳଙ୍କୁ ଉକ୍ତ ପରିବାରକୁ ସହାୟତା ଦେବା ପାଇଁ ଅବଗତ କରିଥିଲେ। ଯାହାଫଳରେ ଜିଲ୍ଲାପାଳ ଏବଂ ଏସ୍‌ପି ମହୋଦୟ ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ପୁନର୍ବାର ଉକ୍ତ ଗ୍ରାମର ଲାଲଜୋର ନାଏକ ଓ ଗିନିସର ନାଏକ ଭବାନୀପାଟଣାର ଉପଜିଲ୍ଲାପାଳ ଜ୍ୟୋତ୍ସ୍ନା ମାଝୀଙ୍କୁ ସାକ୍ଷାତ କରି ସହାୟତା ପାଇଁ ଦାବି ଜଣାଇଥିଲେ। ଅନ୍ୟାନ୍ୟ ଗଣମାଧମ ପ୍ରତିନିଧିମାନେ ଏନେଇ ତତ୍ପରତା ଦେଖାଇ ଥିଲା ବେଳେ 'ଏକମାତ୍ର' ଉକ୍ତ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି।

# ଚୁମ୍ବକୀୟ ପର୍ବତ





## ଲେହ-ଲଦାଖର ବିସ୍ମୟ

ଆମ ଦେଶର ଉତ୍ତରରେ ଥିବା ହିମାଳୟ ପର୍ବତାମାଳାକୁ ଭାରତର ମୁକୁଟ ବୋଲି କୁହାଯାଏ। ଅନେକ ଶାସ୍ତ୍ର ପୁରାଣରେ ଏ ସମ୍ପର୍କରେ ବର୍ଣ୍ଣିତ ରହିଛି ଏହି ପର୍ବତମାଳାକୁ ନେଇ ଅନେକ ଅଲୌକିକ କାହାଣୀ ଓ କିମ୍ବଦନ୍ତୀ ମଧ୍ୟ ରହିଥିବାର ଜଣାପଡେ। ଏପରିକି ହିମାଳୟକୁ ଅନେକ ରହସ୍ୟର ଗନ୍ତାଘର ବୋଲି କୁହାଯାଏ। ବିରାଟ ପର୍ବତମାଳାର ଏକ ରହସ୍ୟମୟ ଅଂଶ ହେଉଛି ଲେହ-ଲଦାଖ ଅଞ୍ଚଳ। ଏହି ଅଞ୍ଚଳରେ ରହିଛି ରହସ୍ୟମୟ ମ୍ୟାଗନେଟିକ୍ ହିଲ୍। ଏଠାରେ ସୁନ୍‌ସାନ ରାସ୍ତା ଆଉ ଦୁଇପଟେ ରହିଛି କେବଳ ପାହାଡ ହିଁ ପାହାଡ। ଜନବସତି ମଧ୍ୟ ବିଶେଷ ନାହିଁ। ନା ଅଛି ଏଠାରେ ଲୋକମାନଙ୍କର ଯାତାୟତ। ଯେଉଁବାଟ ଦେଇ ଗଲେ ହଠାତ ଡରିଯାଇଥାନ୍ତି ଯାତ୍ରୀ। ଯେଉଁମାନେ ଏକ ଅଜବ ଶକ୍ତିର ଅନୁଭବ କରିଥାନ୍ତି ଏହି ନିରୋଳା ରାସ୍ତାରେ। କ'ଣ ଏହି ଶକ୍ତି ? ଯାହା ନିଜ ଆଡକୁ ଆକର୍ଷଣ କରୁଛି। ଯାହାଦ୍ୱାରା ଗାଡି ମଟର ସବୁ ଟାଣି ହୋଇଯାଇଥାଏ ଏଠାରେ ଥିବା ପାହାଡ ଆଡକୁ। ଯେଉଁ ବାଟ ଦେଇ ଗଲା ପୂର୍ବରୁ ଲୋକମାନେ ବହୁବାର ଭାବିବାକୁ ବାଧ୍ୟ ହୋଇଥାନ୍ତି। କ'ଣ ସେହି ଅଜଣା ଶକ୍ତି ତାକୁ ନେଇ ମନରେ ସେମାନଙ୍କର ଆସେ ବିସ୍ମୟ ଭାବ। ଗଡାଣିଆ ବାଟରେ ମଧ୍ୟ ଉପର ଆଡକୁ ଚାଲିଯାଇଥାଏ। କେହି କେହି ଏଠାରେ ଭୁତପ୍ରେତର ଭୟ ରହିଛି ବୋଲି ମଧ୍ୟ ବିଶ୍ୱାସ କରନ୍ତି। ସତରେ କ'ଣ ଏଠାରେ ଭୁତପ୍ରେତ ଅଛନ୍ତି, ଆଉ ସେମାନଙ୍କର ପ୍ରଭାବରେ ଏଭଳି ଗାଡି ଗୁଡିକ ଟାଣି ହେଇଯାଉଛି। ଏହି ରାସ୍ତା ଦେଇ ଦିନ ବେଳେ ଗଲେ ତ ଠିକ ଅଛି ତେବେ ରାତିରେ ଏହି ରାସ୍ତାର ଦୃଶ୍ୟ ବିଲ୍କୁଲ ଅଲଗା। ଯେଉଁ ବାଟ ଦେଇ ଗଲା ବେଳେ ଲୋକମାନେ ପାହାଡ ଆଡକୁ ଟାଣି ହୋଇଯାଇଥିବାର ଅନୁଭବ କରିଥାନ୍ତି। ଯେଉଁସବୁ ଅଦ୍ଭୁତ କାରନାମା ହୋଇଥାଏ ସେଠାରେ ଥିବା ମ୍ୟାଗ୍ନେଟିକ୍ ହିଲ୍ସ ପାଇଁ। ଏହି ମ୍ୟାଗ୍ନେଟିକ୍ ହିଲ୍‌ରେ ଥିବା ଶକ୍ତି ଦ୍ୱାରା ଏହି ବାଟ ଦେଇ ଯାଉଥିବା ବେଳେ ଆପେ ଆପେ ଟାଣି ହୋଇଯାଇଥାଏ ସମସ୍ତ ଗାଡ଼ି ଓ ସେଥିରେ ବସିଥିବା ଲୋକମାନେ। ଏ କଥା ଅନେକ ବର୍ଷର ପରୀକ୍ଷା ନିରୀକ୍ଷା ପରେ ଗବେଷକମାନେ କହିଥିଲେ। ମାତ୍ର ତଥାପି କେଉଁଠି ନା କେଉଁଠି ପ୍ରକୃତିର ରହସ୍ୟକୁ ନେଇ ସାଧାରଣ ମଣିଷ ମାନଙ୍କ ମନରେ ଏବେବି ରହସ୍ୟ ଲୁଚି ରହିଛି।

ଲେହ ଠାରୁ ୩୦ କିଲୋମିଟର ଦୂରରେ ରହିଛି ଏହି ମ୍ୟାଗ୍ନେଟିକ୍ ହିଲ୍। ଯାହା ସମୁଦ୍ର ପତ୍ତନଠାରୁ ୧୧ ହଜାର ଫୁଟ୍ ଉପରେ ରହିଛି। ଯେଉଁ ପାହାଡ ଦେଇ ଯାଉଥିବା ରାସ୍ତାକୁ ମ୍ୟାଜିକ ରୋଡ ବୋଲି କୁହାଯାଏ। ହେଲେ ଏହାକୁ ମ୍ୟାଜିକ୍ ରୋଡ କାହିଁକି କୁହାଯାଏ। ଏହା ପ୍ରକୃତିର କେଉଁ ରହସ୍ୟକୁ ଲୁଚାଇ ରଖିଛି। କାହିଁକି ଏହି ପାହାଡ ଦେହରେ ରହିଛି ମ୍ୟାଗ୍ନେଟିକ୍ ପାୱାର ? ଏମିତି ଅନେକ ପ୍ରଶ୍ନରେ ଘାରି ହୁଅନ୍ତି ସମସ୍ତେ ଏ ରହସ୍ୟମୟ ପର୍ବତ ନିକଟକୁ ଆସିଲେ। ଲୌହ ବସ୍ତୁ ଆପେ ଆପେ ଟାଣି ହୋଇଯାଇଥାଏ ଏହି ପର୍ବତ ଆଡକୁ। ଏହି ପାହାଡକୁ ଗ୍ରାଭିଟି ହିଲ୍ ବୋଲି ମଧ୍ୟ କୁହାଯାଇଥାଏ। ଯେଉଁଠି ରାସ୍ତାଟି ଗଡାଣିଆ ହୋଇଥିଲେ ମଧ୍ୟ ଗାଡି ମୋଟର ସବୁ ଆପେ ଆପେ ଉପରକୁ ଯାଇଥାଏ। ସ୍ପିଡ୍‌ରେ ଯାଉଥିବା ଗାଡି ମାନଙ୍କୁ ବ୍ରେକ୍ ଲଗାଇ ଏହି ପ୍ରାକୃତିକ ଚୁମ୍ବକୀୟ ଶକ୍ତିର ଅନୁଭବ କରିବା ପାଇଁ କୁହାଯାଇଥାଏ। ପୂର୍ବରୁ ତ ଲୋକମାନେ ଏହି ରାସ୍ତା ଦେଇ ଯିବା ପାଇଁ ଡରୁଥିଲେ। ମନରେ ତାଙ୍କର ଥିଲା ଅନେକ ପ୍ରଶ୍ନ। ହେଲେ ମ୍ୟାଗ୍ନେଟିକ୍ ପାୱାର ସମ୍ବନ୍ଧରେ ଜାଣିବା ପରେ ସାମାନ୍ୟ ଡର କମିଛି। ହେଲେ ଏହି ରହସ୍ୟକୁ ନେଇ ସେମାନଙ୍କ ମନଭିତରେ ବିସ୍ମୟଭାବ ରହିଛି। ଏବେ ରାସ୍ତା ଉପରେ ମ୍ୟାଗ୍ନେଟିକ୍ ଟ୍ରାକ୍ ବୋଲି ଲେଖାରହିଛି। କାହିଁକି ନା ତା'ପରଠାରୁ ଗାଡିର ବେଗ ଜୋରରେ ନଥିଲେ ମଧ୍ୟ ଆପେ ଆପେ ଟାଣି ହୋଇଯାଏ। ଲୋକମାନେ ତା ଗାଡ଼ିର ଷ୍ଟିଅରିଂକୁ ମଧ ଛାଡି ଗାଡିରେ ବସି ଏହି ଚୁମ୍ବକୀୟ ଶକ୍ତିର ମଜା ନେଇଥାନ୍ତି। ଭାରତର ଲେହ-ଲଦାକ୍‌ର ସମସ୍ତ ଦର୍ଶନୀୟ ସ୍ଥାନ ସହ ଏହି ମ୍ୟାଗ୍ନେଟିକ୍ ହିଲ୍‌କୁ ମ ଧ୍ୟ ଦେଖିବା ପାଇଁ ଦୂର ଦୂରାନ୍ତରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। କେବଳ ଭାରତ କାହିଁକି ଏମିତି ଚୁମ୍ବକୀୟ ଉପତ୍ୟକା ଆମେ ବିଦେଶରେ ମଧ ଦେଖିବାକୁ ପାଇଥାଉ। କାନାଡା, ବ୍ରାଜିଲ, ଅଷ୍ଟ୍ରେଲିଆ ଓ ଚାଇନା ଭଳି ଦେଶରେ ମଧ ଲୋକମାନେ ଏହି ମ୍ୟାଗ୍ନେଟିକ୍ ହିଲର ଅନୁଭୂତି କରନ୍ତି। ହେଲେ ପ୍ରତିଥର ଭଳି ପ୍ରକୃତିର ରହସ୍ୟମୟ ରୂପ ଏବେବି ମଣିଷ ମନରେ କିନ୍ତୁ ଅନେକ ପ୍ରଶ୍ନବାଚୀ ତିଆରି କରିଛି।




ଉପସ୍ଥାପନା
ଜାହ୍ନବୀସୁତ

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପାଲଟିଛି ଦୁର୍ନୀତିର ଗନ୍ତାଘର

**କେନ୍ଦ୍ରାପଡା :** କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଦୁର୍ନିତି ବଢିଚାଲିଛି। ଉଲ୍ଲେଖ ଯୋଗ୍ୟ ୨୦୧୫ ମସିହାରୁ ଗରିବ ନିର୍ମାଣ ଶ୍ରମିକମାନେ ପରିଚୟ ପତ୍ର ପାଇଁ ଆବେଦନ କରିଥିଲେ ମଧ ସେମାନଙ୍କୁ ଆଜିଯାଏଁ ତାହା ଦିଆଗଲା ନାହିଁ, ଅପରପକ୍ଷେ କିଛି ଅଣ ନିର୍ମାଣ ଶ୍ରମିକ ମାନଙ୍କୁ ନିର୍ମାଣ ଶ୍ରମିକ ପରିଚୟପତ୍ର ଦିଆଯାଇଥିବାର ଅଭିଯୋଗ ହୋଇଥିଲା। ସେହିପରି ଅନେକ ଶ୍ରମିକଙ୍କ ପିଲାମାନଙ୍କୁ ମିଳିବାକୁ ଥିବା ସହାୟତା ରାଶି ଏଯାଏଁ ପ୍ରାପ୍ତି ହୋଇନଥିବା ବେଳେ କିଛି ମୃତକ ଶ୍ରମିକଙ୍କ ନିମନ୍ତେ ମିଳିବାକୁ ଥିବା ସହାୟତା ଅର୍ଥରାଶି ନମିଳି ଦୀର୍ଘ ଦିନ ହେବ ପଡିରହିଛି। କେବଳ ସେତିକି ନୁହେଁ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଉକ୍ତ ଯୋଜନାର ୧୩ଟି ବେନିଫିଟ୍‌ରୁ ସହାୟତା ମିଳୁନାହିଁ ବୋଲି ଅନେକ ସମୟରେ ଅଭିଯୋଗ ହୁଏ। ଯଦ୍ୱାରା ଦୁରଦୁରାନ୍ତରରୁ ନିଜ କାମ ବନ୍ଦ କରି ଆସୁଥିବା ଅନେକ ଶ୍ରମିକ ଶ୍ରମିକ କୌଣସି ସୁଫଳ ନପାଇ ଖାଲିହାତରେ ଫେରୁଥିବାର ଯାଣିବାକୁ ମିଳିଛି।




ସେହିପରି ଗତ ପ୍ରଶିକ୍ଷଣରେ ମଧ ଲକ୍ଷ ଲକ୍ଷ ଟଙ୍କାର ହେରଫେର୍ ହୋଇଛି। ତେବେ ଏ ସଂପର୍କରେ ଆମକୁ ହସ୍ତଗତ ହୋଇଥିବା ବିଭିନ୍ନ ତଥ୍ୟ ଆମ୍ଭର ଗଣମାଧ୍ୟମରେ ପର୍ଯାୟକ୍ରମେ ପ୍ରକାଶ ପାଇବ। ସୂଚନାଯୋଗ୍ୟ ଏହାକୁ ଭିତ୍ତି କରି ନିକଟରେ କିଛି ସଂଗଠନ ଆନ୍ଦୋଳନ କରି ତଦନ୍ତ ପାଇଁଦାବି କରିଥିଲେ। ଯାହା ପାଇଁ ଉକ୍ତ କାର୍ଯାଳୟର ଅଧିକାରିଣୀ ଖୁବ୍ ଚିନ୍ତାଗ୍ରସ୍ତ ଥିଲେ। ହେଲେ ଉକ୍ତ କାର୍ଯାଳୟର କିଛି ଦୁର୍ନିତି କାର୍ଯ୍ୟରେ ସୁବାଶିଷ ବାବୁ ସଂପୃକ୍ତ ଥିବାର ପ୍ରମାଣ ହସ୍ତଗତ ହୋଇଛି ଯାହାକି ପରବର୍ତ୍ତି ସଂଖ୍ୟାରେ ପ୍ରକାଶ ପାଇବ।

## ହତ୍ୟା ଓ ବୋମାମାଡ଼ ଘଟଣାରେ ଖୋର୍ଦ୍ଧା ବ୍ଲକ୍ ବିଜେଡ଼ି ସଭାପତି ଗିରଫ

**ଖୋର୍ଦ୍ଧା :** ବେଆଇନ ପଥର ଖଣି ଲୁଟ୍ ଏବଂ ବିକାଶ କଳସର ମୃତ୍ୟୁ ଘଟଣା ଓ ନିକଟରେ ବିଜେଡ଼ିର ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ନନ୍ଦଙ୍କ କାର ଉପରକୁ ବୋମା ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ଖୋର୍ଦ୍ଧା ବ୍ଲକ୍ ବିଜେଡ଼ି ସଭାପତି ପ୍ରକାଶ ରାଉତରାୟ ଏବଂ ତାଙ୍କର ସହଯୋଗୀଙ୍କୁ ଶେଷରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଓ.ସି.ସି ଛକ ନିକଟରୁ ଗିରଫ କରିବାରେ ସଫଳ ହୋଇଛି। ପ୍ରକାଶଙ୍କ ନାମରେ ଖୋର୍ଦ୍ଧାରେ ବିଭିନ୍ନ ଥାନାରେ ହତ୍ୟା, ବୋମାମାଡ଼ ଏବଂ ଚୋରା ପଥର ଖଣି କାରବାରରେ ସମ୍ପୃକ୍ତ ନେଇ ଅଭିଯୋଗ ହୋଇ ଆସୁଥିଲା। ଶେଷରେ ଖୋର୍ଦ୍ଧା ପୋଲିସ ସମସ୍ତ ଅଭିଯୋଗ ଗୁଡ଼ିକର ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ପ୍ରକାଶ ରାଉତରାୟ ହେଉଛନ୍ତି ସମସ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ। ଗତକାଲି ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଟାଉନଥାନା ପୋଲିସ ପ୍ରକାଶ ଏବଂ ତାଙ୍କର ସହଯୋଗୀଙ୍କୁ ଗିରଫ କରିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣଙ୍କର ଦୀର୍ଘ ଦିନର ଦାବୀ ପୁରଣ ହୋଇପାରିଛି।

## ଦଶପଲ୍ଲାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ : ୫୮ ୟୁନିଟ୍ ରକ୍ତ ସଂଗ୍ରହ




**ଦଶପଲ୍ଲା :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୩ ତମ ଜନ୍ମ ଦିବସ ଅବସରରେ ଦଶପଲ୍ଲା କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ ଠାରେ ରକ୍ତଦାନ ଶିବିର ଜୀବନବିନ୍ଦୁ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ ଘଟିକା ସମୟରେ ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରକୁ ଶୁଭ ଉଦଘାଟନ କରିଥିଲେ । ପରେ ପରେ ରକ୍ତ ଦାତା ମାନଙ୍କଠାରୁ ରକ୍ତ ଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନୀ, ଏନ୍.ଏ.ସି ଅଧ୍ୟକ୍ଷା ବବିତା ସାହୁ ,ବିଧାୟକଙ୍କ ପ୍ରତିନିଧି ଶୁଶାନ୍ତ ସାହୁ,ବିଜ ଯୁବବାହୀନି ବ୍ଲକ ସଂଯୋଜକ ବରୁଣ କୁମାର ସାହୁ, ଏନ୍.ଏ.ସି ସଂଯୋଜକ ଓମପ୍ରକାଶ ନାୟକ,ଶରତ ଚନ୍ଦ୍ର ମହାନ୍ତି, ବିଜୁ ଯୁବବାହୀନି ସଭାପତି ମନୋଜ ବେହେରା, ସଂଜିବୀ ବେହେରା,ସମ୍ପାଦିକା ଛବିରାଣୀ ସାହୁ,କୋଷାଧ୍ୟକ୍ଷ ମାନସ ତାରେଣୀଆ ପ୍ରମୁଖ ଯୋଗ ଦେବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜ ଯୁବବାହୀନିର କିଛି ସଭ୍ୟ,ସୀତାରାମ ୟୁଥ୍ କ୍ଲବର ସଦସ୍ୟ ମାନେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ମାନଙ୍କର ସହଯୋଗରେ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାତା ମାନଙ୍କୁ ସାର୍ଟିଫିକେଟ୍ ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

### ଠିକାଦାର-ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା !

## ମହାନଦୀ ଉତ୍ତର ପାର୍ଶ୍ୱ ନଦୀବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ

**ଜଗତସିଂହପୁର,(ସୁଶାନ୍ତ ରାଉତ୍) :** ଜଳ ସମ୍ପଦ ବିଭାଗ ଅଧିନରେ ଥିବା ମହାନଦୀ ନର୍ଥ ଡିଭିଜନ ଓରିକଂଟା କନିଷ୍ଠ ଯନ୍ତ୍ରୀ ଅଧିନରେ ଥିବା ମାହାଳ ହାଟ ପାଖରୁ ନଇନିପୁର ଗଡା ପର୍ଯ୍ୟନ୍ତ ପ୍ରାୟ ୪ କିଲାମିଟର ନଦୀବନ୍ଧ ରାସ୍ତା ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ପାଇଁ ନଦୀ ବନ୍ଧ ରାସ୍ତାଟି ଆଜି ବଡ ବଡ ପୋଖରୀରେ ପରିଣତ ହୋଇଛି । ଯାହାଫଳରେ ହନ୍ତସନ୍ତ ହେଉଛନ୍ତି ୩ ଗୋଟି ଜିଲ୍ଲାର ହଜାର ହଜାର ଜନସାଧାରଣ । ପ୍ରକାଶ ଥାଉକି ତାରପୁର ଠାରେ ମହାନଦୀରେ ପୋଲ ହେବା ପରେ ଅଜକୁ ୨୦ ବର୍ଷ ହେବ ଏହି ନଦୀ ବନ୍ଧ ରାସ୍ତାରେ ୩ ଗୋଟି ଜିଲ୍ଲାର ମୂଖ୍ୟତଃ କଟକ ଜିଲ୍ଲାର କଟକ ସଦର ନିର୍ବାଚନ ମଣ୍ଡଳୀ, ମାହାଙ୍ଗା ନିର୍ବାଚନ ମଣ୍ଡଳି, କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା, ପାଟକୁରା, ମହାକାଳପଡା, ଜଗତସିଂହପୁର ଜିଲ୍ଲାର ତିର୍ତୋଲ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକ ଓ ଶହ ଶହ ଯାନବାହାନ ଦୈନଦିନ ଚଳପ୍ରଚଳ ହେଉଥିବା ବେଳେ ଜଳସମ୍ପଦର ଅଧିକାରୀ ମାନେ ନିଜର ଖାମ ଖିଆଲି ମନୋଭାବ ଯୋଗୁଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ଠିକାଦର ଓ ଦଲାଲମାନେ ମିଶି ଚଳୁ କରିଦେଇଛନ୍ତି । ହାତ ଟେକି ସମର୍ଥନ ଜଣାଇଛନ୍ତି ଜଳସମ୍ପଦର ସମସ୍ତ ଅଧିକାରୀ । ଏହାର ଜ୍ୱଳନ୍ତ ଉଦାହରଣ ମାହାଳ ହାଟ ଫାଣ୍ଡି ଠାରୁ ନଇନପୁର ଗଡା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାଟି ବଡ ବଡ ଶହ ଶହ ଖାଲ ଖମାରେ ପୁର୍ଣ୍ଣ ହୋଇ ବିପଦପୁର୍ଣ୍ଣ ଅବସ୍ଥାରେ ରହିଛି । ଏହି ରାସ୍ତାଟି ମୁଖ୍ୟତଃ ଜଗତ୍‌ସିଂହପୁର ଜିଲ୍ଲା ତାରପୁର ଠାରୁ କଟିକଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅଟେ । ଏହି ରାସ୍ତାଟି ଉପରେକେନ୍ଦ୍ରପଡା କୁ ଯାତୟତ ନିମନ୍ତେ ଜଗତ୍‌ସିଂହପୁର ଓ କଟକ ଜିଲ୍ଲାର ଲୋକମାନେ ନିର୍ଭର କରନ୍ତି । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଲୋକମାନେ ଜଗତ୍‌ସିଂହପୁର ଜିଲ୍ଲାକୁ ଯାତାୟତ ଉପରେ ନିର୍ଭରକରିଥାନ୍ତି। ଯାହା ଫଳରେ ଦୈନିକ ଚଳପ୍ରଚଳ କରୁଥିବା କ୍ରୀଷ୍ଣାନନ୍ଦପୁର, ବିଷନପୁର, କନିମୁଳ, ଦାଇଁଲୋ, ଶଙ୍ଖେଶ୍ୱର, ତେଣ୍ଡାକୁଡା, ପଳସୁଧା, ପାଟକୁରା, ଉତରକୁଳ, ବାବୁଜଙ୍ଗ, ମହମ୍ମଦପୁର, ମଣିଜଙ୍ଗ, ବେଣିରାମପୁର, ତରତ ଆଦି ୮୦ ଗୋଟିରୁ ଉର୍ଦ୍ଧ୍ୱ ପଚାଂୟତର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଠାରେ ସୂଚନା ଯୋଗ୍ୟ ମାହାଳ ହାଟ ସାନନୟନପୁର ନଦୀବନ୍ଧ ରାସ୍ତାର ବିରିବନ୍ଧ ଉପରେ ଏକ ବିଦ୍ୟୁତ୍ ପୋଲ ଉପୁଡିରାସ୍ତା ଉପରେ ପଡିଛି । ଏହି ବିଦ୍ୟୁତ୍ ଖୁଂଟ ଟି ବିପଦପୁର୍ଣ୍ଣ ଅବସ୍ଥାରେ ରହିଛି । ପଥଚାରୀ ଓ ଯାନବାହାନ ଏହି ବିଦ୍ୟୁତ୍ ଖୁଂଟରେ ଧକା ହୋଇ ଧନ ଜୀବନ କ୍ଷୟ ହେବାର ଯଥେଷ୍ଟ ସମ୍ଭାବନ ଦେଖାଦେଇଛି । ଏପରିକି ଏହି ରାସ୍ତାରେ ପ୍ରତିଦିନ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜିବନ କ୍ଷୟ ହେବାରେ ଲାଗିଛି । ସ୍କୁଲ କଲେଜ କୁ ଯାଉଥିବା ଛାତ୍ର ଛାତ୍ରୀ ମାନେ ପାଠ ପଢିବାକୁ ବହୁ କଷ୍ଟର ସହ ଯାତାୟତ କରୁଅଛନ୍ତି । ଏପରିକି ଭାରୀଯାନ ନଦୀବନ୍ଧରେ ଯିବା ପାଇଁ ନିଷେଧ ଥିଲା ବେଳେ ପୋଲିସର ଜ୍ଞାତସାରରେ ପ୍ରତିଦିନ ଶହ ଶହ ଭାରିଯାନ ଏହି ନଦୀବନ୍ଧ ରାସ୍ତାରେ ଚଳପ୍ରଚଳ କରୁଛି । ଏହି ଭାରିଯାନ ଯାତାୟତ କରିବା ଫଳରେ ଏହି ରାସ୍ତାଟିର ଅବସ୍ଥା ଦିନକୁ ଦିନ ଶୋଚନିୟ ହୋଇପଡିଛି । ପ୍ରତିବର୍ଷ ଏହି ରାସ୍ତାଟିକୁ ମରାମତି ଓ ରକ୍ଷାଣାବେକ୍ଷଣ ନାମରେ ଲକ୍ଷଲକ୍ଷ ଟଙ୍କାର ନିମ୍ନ ମାନର ତାଳିପକା କାମ କରାଯାଉଛଇ । ଏହି କାମ କରାଯିବାର ଏକ ମାସ ମଧ୍ୟରେ ରାସ୍ତାର ଅବସ୍ଥା ଯଥାପୂର୍ବଂ ତଥା ପରଂ ଅବସ୍ଥା ସୃଷ୍ଟି ହେଉଛି । ଏଥିପ୍ରତି ରାଜ୍ୟସରକାର ଓ ଜଳ ସମ୍ପଦ ବିଭାଗର ଉଚ୍ଚ କତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତାଟିକୁ ଢଳେଇ ରାସ୍ତା କରିବାକୁ ଏ ଅଂଚଳର ହଜାର ହଜାର ଲୋକ ଦାବି କରିଛନ୍ତି । ନଚେତ୍ ଦିପାଚଂଳବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ।



### ରାଜ୍ୟସ୍ତରୀୟ ପୋଲିସ ସହିଦ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ଡିଜିପି

# ବର୍ଷକରେ ପ୍ରାଣବଳି ଦେଇଛନ୍ତି ୪୧୪ ଯବାନ



**କଟକ :** ପୋଲିସ ମୁଖ୍ୟାଳୟ ପରିସରରେ ରବିବାର ୫୯ତମ ରାଜ୍ୟସ୍ତରୀୟ ପୋଲିସ ସହିଦ୍ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ନିରାଡମ୍ବର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରି ବିଭିନ୍ନ ଆରକ୍ଷୀ ବିଭାଗରେ ସହିଦ ହୋଇଥିବା ବୀର ଯବାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ । ବୀର ସହିଦମାନଙ୍କ ପାଇଁ ଏହି ପରିପ୍ରେକ୍ଷୀରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଆରକ୍ଷୀ ବାହିନୀ ତରଫରୁ ଶୋକଶାସ୍ତ୍ର, ସଲାମୀ ଶାସ୍ତ୍ର ଓ ତୋପ ସଲାମୀ ପ୍ରଦର୍ଶନ କରାଯାଇଥିଲା। ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ଝାରସୁଗୁଡାର ଉପ ଦୁର୍ଗପତି ଆଶିଷ କୁମାର ଦୁବେଙ୍କ ନେତୃତ୍ୱରେ ଏକ ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା । ଚଳିତବର୍ଷ ସମଗ୍ର ଦେଶରେ ବିଭିନ୍ନ ଆରକ୍ଷୀ ବିଭାଗରେ ୪୧୪ ଜଣ ପ୍ରାଣବଳୀ ଦେଇଥିବା ଡାକ୍ତର ଶର୍ମା ସୂଚନା ଦେଇଥିଲେ। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶ ଓ କେରଳରୁ ୬ ଶହୀଦ ହୋଇଥିବା ବେଳେ ଆଣ୍ଡାମାନ ନିକୋବର, ଗୁଜୁରାଟ, ମେଘାଳୟ, ରାଜସ୍ଥାନ, ତ୍ରିପୁରା, ଏନସିବି, ଏସଏସବି, ସିକିମ ଓ ଓଡିଶାରୁ ଜଣେ ଲେଖାଏଁ, ଆସାମ, ହରିୟାନା, ତାମିଲନାଡୁ, ତେଲେଙ୍ଗାନା, ଉତ୍ତରାଖଣ୍ଡରୁ ୨ଜଣ ଲେଖାଏଁ, ବିହାର ୧୦, ଛତିଶଗଡ ଓ ଆରପିଏଫ୍‌ରୁ ୨୫ ଜଣ ଲେଖାଏଁ, ଦିଲ୍ଲୀରୁ ୧୩, ଜାମ୍ମୁକାଶ୍ମୀରରୁ ୪୬, ଝାଡ଼ଖଣ୍ଡରୁ ୭, କର୍ଣ୍ଣାଟକରୁ ୧୫, ମଧ୍ୟପ୍ରଦେଶ ଓ ଆସାମ ରାଇଫଲସରୁ ୮ ଲେଖାଏଁ, ମହାରାଷ୍ଟ୍ର, ମଣିପୁର, ଏନଡିଆରଏଫରୁ ୩ଜଣ ଲେଖାଏଁ, ଉତ୍ତରପ୍ରଦେଶରୁ ୬୭, ପଶ୍ଚିମବଙ୍ଗର ୧୮, ବିଏସଏଫରୁ ୪୨, ସିଆଇଏସଏଫରୁ ୯, ସିଆରପିଏଫରୁ ୨୭, ଆଇଟିବିପିରୁ ୩୪, ଏଫ୍‌ଏସ୍‌ସିଡି ଆଣ୍ଡ ଏଚଜିରୁ ୨୦ ଜଣ ରହିଛନ୍ତି । ଓଡିଶାରୁ ପ୍ରାଣବଳୀ ଦେଇଥିବା ଆରକ୍ଷୀ ଜଣକ ହେଲେ କନଷ୍ଟେବଲ ୩୬୧/ ସଂଜୟ ମାଝି। ଦିବସରେ ସହିଦ୍ ଯବାନ ସିଆରପିଏଫର ମନୋରଂଜନ ଲେଙ୍କା ଓ ଆର ଏନ ମହାକୁଡ, ଓଡିଶା ପୁଲିସର ଭୋଳା ନାୟକ, ଦଣ୍ଡପାଣି ମିଶ୍ର, ସେକ ସମୀରଉଦ୍ଦିନ, ପାର୍ଥରଂଜନ ବେହେରା, ସୁରେଶ ଚନ୍ଦ୍ର ଧଳ, ଶିବାଷିଶ ପଣ୍ଡାଙ୍କ ପରିବାରଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ଡାକ୍ତର ଶର୍ମା ସମ୍ବର୍ଦ୍ଧିତ କରିଥିଲେ। ୧୯୫୯ ମସିହା ଅକ୍ଟୋବର ୨୧ରେ ଚୀନ ସୈନିକଙ୍କ ଆକ୍ରମଣରେ ଲଦାଖରେ କର୍ତ୍ତବ୍ୟରତ ୧୦ ଜଣ ଭାରତୀୟ ସିଆରପିଏଫ ଯବାନ ପ୍ରାଣବଳୀ ଦେଇଥିଲେ। ସେବେଠାରୁ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ ସହିଦ୍ ସ୍ମୃତି ଦିବସ ରୂପେ ପାଳନ କରାଯାଉଛି ବୋଲି ଡାକ୍ତର ଶର୍ମା ସୂଚନା ଦେଇଥିଲେ। ଆଇଜି ଅସୀତ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ଓ କନିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପଦ୍ମ ଧରିଲେ ପଦ୍ମଲୋଚନ



**ବାଲେଶ୍ୱର :** ଶେଷରେ ଖଇରା ସିମୁଳିଆର ହେଭିୱେଟ୍ କଂଗ୍ରେସର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ବିଜେପିରେ ଯୋଗଦାନ କରିଛନ୍ତି। ଖଇରା ବ୍ଲକର ପତିରାଜପୁର ମେଳନ ପଡିଆରେ ପ୍ରାୟ ନିଜର ୩୦ହଜାର କଂଗ୍ରେସ କର୍ମିଙ୍କୁ ନେଇ ବିଜେପିରେ ମିଶିଛନ୍ତି। ଏହାଦ୍ୱାରା ଖଇରା ସମୁଳିଆ ରେ ୨୦ ବର୍ଷଧରି କଂଗ୍ରେସକୁ ନିଜ ଅକିତିଆର ରେ ରଖିଥିବା ପଦ୍ମ ନନା କଂଗ୍ରେସକୁ ଚକମା ଦେଇ ନିର୍ବାଚନର ଠିକ୍ ପୂର୍ବରୁ ବିଜେପିରେ ମିଶି କଂଗ୍ରେସକୁ ମୂଳପୁଛ କରିଦେଇଛନ୍ତି, ଯାହା ଚର୍ଚ୍ଚାର ବିଷୟ। ଖବରରୁ ପ୍ରକାଶ ଯେ ରବିବାର ପୂର୍ବାହ୍ନ ୧୨ରୁ ରାଣିତାଲ ନିକଟସ୍ଥ ବାରହାପୁର ପଡିଆରୁ ବିରାଟ ବାଇକ୍ ପଟୁଆରରେ ପତିରାଜପୁର ପର୍ଯ୍ୟନ୍ତ ହଜାର ହଜାର ସମର୍ଥକଙ୍କ ଜରିଆରେ ସଭାସ୍ଥଳରେ ପହଞ୍ଚିଥିଲେ। ୨ପାର୍ଶ୍ୱର ପଦ୍ମ ସମର୍ଥକଙ୍କୁ ଦେଖି ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ସଭାରେ ପ୍ରକାଶ କରିଥିଲେ । ସଭା ଆରମ୍ଭ ହେବା ପୂର୍ବରୁ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ସମସ୍ତେ ମସଗୁଲ ହୋଇଥିଲେ । ତାପରେ ବାଲେଶ୍ୱର, ଭଦ୍ରକ ଓ ମୟୁରଭଞ୍ଜର ବିଜେପି ଜିଲ୍ଲା ସଭାପତି ମାନେ ଗତ ୧୮ ବର୍ଷ ଧରି ବିଜେଡିର କୁଶାସନ, ଲୁଣ୍ଠନ, ଦୁର୍ନିତି ବିଷୟରେ ଉପସ୍ଥିତ କର୍ମି ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆରମ୍ଭରେ ବିଷ୍ଣୁ ସେଠୀ ବିଜେଡିର ଦୁର୍ନିତି ବିଷୟରେ ସରକାରଙ୍କୁ ଶାଣିତ ପ୍ରହାର କରିଥିଲେ। ପ୍ରତାପ ଷଡଙ୍ଗୀ, ମିହିର ଦାସ, ମିଡିଆ ସେଲର ସତ୍ୟଜିତ ମିଶ୍ର ପ୍ରମୁଖ କେନ୍ଦ୍ର ସରକାରଙ୍କର ଜନାଭିମୁଖି କାର୍ଯ୍ୟ ବିଷୟରେ ଉପସ୍ଥିତ ଜନ ସାଧାରଣଙ୍କୁ ଜଣାଇଥିଲେ । ଆଗାମୀ ଦିନରେ ବିଜେପିର ୧୨୦ ମିଶନ କୁ ସଫଳ କରିବାକୁ ହେଲେ ଓଡିଶାକୁ ଏକ ଦୁର୍ନିତି ମୁକ୍ତ ଶାସନ କେବଳ ବିଜେପି ଦେଇପାରିବ ବୋଲି ନିଜର ଦୃଢୋକ୍ତି ପ୍ରକାଶ କରିଥିଲା। ତାପରେ ସମସ୍ତ ବିଜେପିର ନେତୃବୃନ୍ଦ କେନ୍ଦ୍ରମନ୍ତ୍ରୀ କଂଗ୍ରେସ ଛାଡି ଆସି ବିଜେପିରେ ମିଶିଥିବା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏବଂ ତାଙ୍କର ୨ପୁଅ, ପୁରାତନ ଜିଲ୍ଲା ପରିଷଦ, ଜିଲ୍ଲା ପରିଷଦର ଅଧ୍ୟକ୍ଷ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଏବଂ ବହୁ ପଞ୍ଚାୟତର ଆଗଧାଡିର କଂଗ୍ରେସ ନେତା, ସରପଞ୍ଚ, ସମିତି ସଭ୍ୟ ମାନଙ୍କୁ ପୁଷ୍ପ ଗୁଛ ଏବଂ ବିଜେପିର ଟୋପି ପିନ୍ଧାଇ ବିଜେପିକୁ ସ୍ୱାଗତ କରିଥିଲେ । ପଦ୍ମଲୋଚନ ପଣ୍ଡା ତାଙ୍କ ଭାଷଣରେ ସମସ୍ତ ଉପସ୍ଥିତ କଂଗ୍ରେସର କର୍ମିମାନଙ୍କୁ ତାଙ୍କ ସହିତ ବିଜେପିରେ ମିଶିଥିବାରୁ ଆନ୍ତରିକ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଆଗାମି ଦିନରେ ବିଜେପିକୁ ନିର୍ବାଚିତ କରି ଅମିତ୍ ଶାହାଙ୍କ ୧୨୦ ମିଶନରେ ସିମୁଳିଆ ନିର୍ବାଚନ ମଣ୍ଡଳୀ କେମିତି ଅନ୍ତର୍ଭୁକ୍ତ ହୋଇପାରିବ ସେଥିପାଇଁ ସହଯୋଗ କାମନା କରିଥିଲେ । ତାପରେ ଉପସ୍ଥିତ ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ବସନ୍ତ ପଣ୍ଡା, ମନମୋହନ ସାମଲ, ଯୁବ ରାଷ୍ଟ୍ର ଉପାଧକ୍ଷ ରଞ୍ଜିତ୍ ଠାକୁର, ଖଇରାର ଯୁବ ନେତା ଆଲୋକ ପଣ୍ଡା ଏବଂ ରାଷ୍ଟ୍ରିୟ କାର୍ଯ୍ୟକାରୀଣି ସଦସ୍ୟ ପ୍ରତାପ ଷଡଙ୍ଗୀଙ୍କୁ ଆନ୍ତରିକ ଧନ୍ୟବାଦ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଜେପି କାହାର ପୈତୃକ ସମ୍ପତ୍ତି ନୁହେଁ ଏବଂ ଏହି ଦଳରେ ଯେକୌଣସି ନେତା, କର୍ମି ସାମିଲ ହୋଇପାରିବେ ବୋଲି କହିଥିଲେ। ଏହାକୁ ବିରୋଧ କରୁଥିବା ଯେକୌଣସି ବ୍ୟକ୍ତି ବିଜେପି ଚିନ୍ତାଧାରାର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ହଜାର ହଜାର ସମର୍ଥକ ଏବଂ ଆନ୍ତରିକ ସହଯୋଗରେ ବିଜେପିରେ ମିଶିଥିବା ପଦ୍ମଲୋଚନ ପଣ୍ଡାଙ୍କୁ ସିମୁଳିଆରୁ ପ୍ରାର୍ଥୀ କରାଇବାକୁ ପରୋକ୍ଷ ସୂଚନା ଦେଇଥିଲେ।



ଧରାପୃଷ୍ଠରୁ ବିଦାୟ ନେଲେ ମା’ ଦଶଭୁଜା

# ଓଡ଼ିଶା ରଣଜୀ ଦଳ ଘୋଷିତ : ବିପ୍ଳବ ଅଧିନାୟକ

**ଭୁବନେଶ୍ୱର :** ଚଳିତବର୍ଷ ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ ଲାଗି ଓଡ଼ିଶା କ୍ରିକେଟ ଦଳର ନାମ ତାଲିକା ଘୋଷଣା କରାଯାଇଛି। ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଦୀର୍ଘ ଦିନ ପରେ ପୁଣିଥରେ ଦଳର ନେତୃତ୍ୱ ଦିଆଯାଇଛି। ଏଲିଟ୍ ଗ୍ରୁପ- ସି’ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ଦୁଇଟି ମ୍ୟାଚ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଖେଳିବ। ଏହି ମ୍ୟାଚ ଦୁଇଟି ଲାଗି ବିପ୍ଳବଙ୍କ ନେତୃତ୍ୱରେ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଗତବର୍ଷ ଖେଳିଥିବା ଦଳରେ ଏକାଧିକ ଖେଳାଳି ବାଦ୍ ପଡ଼ିଥିଲାବେଳେ ଗୋବିନ୍ଦ ପୋଦ୍ଦାରଙ୍କୁ ନେତୃତ୍ୱ ପଦରୁ ହଟାଇଦିଆଯାଇଛି। ତେବେ ସେ ଦଳରେ ତାଙ୍କ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି ଦଳରେ ନୂଆ ଖେଳାଳି ଭାବେ ଲେଗ୍‌ସ୍ପିନର ପପୁ ରାୟ, ପେସ୍‌ବୋଲର ରାଜେଶ ମହାନ୍ତି ଓ ଦେବବ୍ରତ ପ୍ରଧାନଙ୍କୁ ସାମିଲ କରାଯାଇଛି। ଲେଗ୍ ସ୍ପିନର ଅଭିଷେକ ରାଉତଙ୍କୁ ମଧ୍ୟ ରଣଜୀ ଦଳରେ ପ୍ରଥମଥର ନିଆଯାଇଛି। ଏଥିରୁ ଜଣାଯାଉଛି କିଟ୍ ଗ୍ରାଉଣ୍ଡରେ ଏଥର ସ୍ପିନରଙ୍କୁ ସୁହାଇଲା ଭଳି ପିଚ୍ ତିଆରି କରାଯାଇପାରେ। ସେହିପରି ସୁଜିତ ଲେଙ୍କାଙ୍କୁ ମଧ୍ୟ ୱିକେଟ କିପର ଭାବେ ମନୋନୀତ କରାଯାଇଛି। ଇଞ୍ଜୁରୀ ଯୋଗୁ ରାଜେଶ ଧୂପର ଦଳରେ ସ୍ଥାନ ପାଇ ନଥିବାରୁ ସୁଜିତଙ୍କୁ ସ୍ଥାନ ମିଳିଛି। ସନ୍ଦୀପ ପଟ୍ଟ ନାୟକଙ୍କ ସହ ଓପନର ଭାବେ ଅନୁରାଗ ଷଡଙ୍ଗୀ ଏବଂ ରଞ୍ଜିତ ସିଂଙ୍କୁ ସ୍ଥାନ ମିଳିଛି। ଚଳିତବର୍ଷ ମଧ୍ୟ ରଶ୍ମିରଞ୍ଜନ ପରିଡା ନୂଆ କୋଚ୍ ଦାୟିତ୍ୱ ନେଇଛନ୍ତି। ଏହି ଦଳ ନଭେମ୍ବର ୧ରୁ ୪ ଯାଏ ହରିୟାଣା ଏବଂ ୧୨ରୁ ୧୫ ଯାଏ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ ଲାଗି ଦଳ ମନୋନୀତ କରାଯାଇଛି। ଦୁଇଟିଯାକ ମ୍ୟାଚ୍ କିଟରେ ଖେଳାଯିବ। ମନୋନୀତ ଖେଳାଳିଙ୍କୁ ନେଇ ସୋମବାରଠାରୁ ସନ୍‌ସାଇନ୍ ଗ୍ରାଉଣ୍ଡରେ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ।

**ଘୋଷିତ ଦଳ:** ଅନୁରାଗ ଷଡଙ୍ଗୀ, ରଞ୍ଜିତ ସିଂ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ୱିକେଟକିପର), ପପୁ ରାୟ, ଅଭିଷେକ ରାଉତ, ଶୁଭମ ନାୟକ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ। କୋଚ୍: ରଶ୍ମିରଞ୍ଜନ ପରିଡା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, ପର୍ଯ୍ୟବେକ୍ଷକ: ଶୁଭାଶିଷ ଭୂୟାଁ।

# ଏମ୍‌ସିଏଲରେ ତ୍ୱରାନ୍ୱିତ ହେବ ଖଣି ଖନନ ପ୍ରକ୍ରିୟା

**ଅନୁଗୁଳ :** ଖାଉଟିମାନଙ୍କୁ ଦୀର୍ଘ ସୂତ୍ରରେ ପର୍ଯ୍ୟାପ୍ତ କୋଇଲା ଯୋଗାଇ ଦେବା ନେଇ କେନ୍ଦ୍ର କୋଇଲା ଏବଂ ରେଳମନ୍ତ୍ରୀ ପୀୟୂଷ ଗୋଏଲ୍ ଗୁରୁତ୍ୱ ଦେଇଛନ୍ତି। ସୋମବାର ଦିନିକିଆ ଗସ୍ତରେ ଓଡ଼ିଶା ଆସିଥିବା ଅବସରରେ ସେ ମହାନଦୀ କୋଲ୍ ଫିଲ୍ଡସ୍‌ର ଇବ୍ ଉପତ୍ୟକା ଏବଂ ତାଳଚେର କୋଇଲା କ୍ଷେତ୍ରରେ ଖଣି ଖନନ ପ୍ରକ୍ରିୟା ପରିଦର୍ଶନ କରିଥିଲେ। ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଫିଲ୍ଡସ୍(ଏମସିଏଲ)ର ଏହି ଦୁଇଟି କୋଇଲା କ୍ଷେତ୍ରରୁ ୧୬୨.୫ ନିୟୁତ ଟନ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋଏଲ ଉପରୋକ୍ତ ଦୁଇଟି ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ଇବ୍ ଉପତ୍ୟକା ସ୍ଥିତ ସମଲେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପକୁ ଯାଇ ସେଠାରେ ଖଣି ଖନନ ଉପରେ ଏମସିଏଲ ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ଏହି ପ୍ରକଳ୍ପର ଖଣି ଖନନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ନଥିବାରୁ ସେ ଉଭୟ ଏମ୍‌ସିଏଲ ଏବଂ ରେଳ ବିଭାଗୀୟ ଅଧିକାରୀମାନଙ୍କୁ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଶ୍ରୀ ଗୋଏଲ ତାଳଚେର ସ୍ଥିତ ଭୁବନେଶ୍ୱରୀ ଓସିପି ଏବଂ ଅନନ୍ତ ଓସିପି ପରିଦର୍ଶନ କରି ସେଠାକାର ଖଣି ଖନନ ପ୍ରକ୍ରିୟା ମଧ୍ୟ ଦେଖିଥିଲେ। ତାଳଚେର କୋଇଲା କ୍ଷେତ୍ରରୁ ୧୦୦ ନିୟୁତ ଟନ କୋଇଲାଦ ଉତ୍ପାଦନ ଲକ୍ଷ୍ୟ ରହିଥିବା ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିବା ବେଳେ ଏଥିପାଇଁ ମଧ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକଙ୍କ ସହ ବହୁ ଗ୍ରାମବାସୀ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗୋଏଲଙ୍କ ସ୍ୱାଗତ କରିଥିବା ବେଳେ କୋଇଲା ଉତ୍ପାଦନ ବଢିଲେ ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ସହାୟକ ହେବ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୭-୧୮ ବର୍ଷରେ ଏମସିଏଲ ୧୪୩ ନିୟୁତ ଟନ କୋଇଲା ଉତ୍ପାଦନ କରିଥିବା ବେଳେ ତାଳଚେର କୋଇଲା କ୍ଷେତ୍ରରୁ ୧୦୦ ନିୟୁତ ଟନ ଏବଂ ଇବ୍ ଉପତ୍ୟକା କୋଇଲା କ୍ଷେତ୍ରରୁ ୬୨.୫ ନିୟୁତ ଟନ କୋଇଲା ଉତ୍ପାଦନ ପାଇଁ ଯୋଜନା ରଖିଛି।







ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଦୁର୍ଗାପୂଜା ଓ ମା’ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା-୨୦୧୮ ଉପଲକ୍ଷେ କଳାହାଣ୍ଡିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛୁ।

ଉମେଶ କୁମାର ପଣ୍ଡା
ଦିନେଶ କୁମାର ପଣ୍ଡା
ଏଚ୍.ଏମ୍.ସି. କନ୍‌ଷ୍ଟ୍ରକସନ
ଭବାନୀପାଟଣା, କଳାହାଣ୍ଡି



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455




PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି